
ବର୍ଷ-୨୫, ସଂଖ୍ୟା-୨୧୭
ଭୁବନେଶ୍ୱର
୧୩, ଅଗଷ୍ଟ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 217
Bhubaneswar
13, August, 2025 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଧମାଲ କରୁଛି 'ମହାବତାର ନରସିଂହ'

# ଓଡ଼ିଶାରେ ଦୁଇ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ, ୧୨।୮ (ପିଆଇବି): କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ୩ ବଡ଼ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ୧୮,୫୪୧ କୋଟି ଟଙ୍କା ଯୋଜନାକୁ ମଞ୍ଜୁରି ମିଳିଛି। ଦେଶରେ ଚାରୋଟି ନୂଆ ସେମିକଣ୍ଡକ୍ଟର ପରିଯୋଜନାକୁ ମଞ୍ଜୁରି ଦିଆଯାଇଛି ଏହି ଯୋଜନା ବାବଦରେ ପ୍ରାୟ ୪୫୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ନୂତନ ସେମିକଣ୍ଡକ୍ଟର ପ୍ଲାଣ୍ଟ ଓଡ଼ିଶା, ପଞ୍ଜାବ ଓ ଆନ୍ଧ୍ର ପ୍ରଦେଶରେ ସ୍ଥାପନ କରାଯିବ। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ଭାରତରେ ଅନୁକୂଳ ପରିବେଶ କାରଣରୁ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଛଅଟି ଅନୁମୋଦିତ ପ୍ରକଳ୍ପ ପୂର୍ବରୁ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଜି ଅନୁମୋଦିତ ଏହି ଚାରୋଟି ପ୍ରସ୍ତାବ ସିକସେମ୍ (ଏସଆଇସିଏସଇଏମ), କଣ୍ଟିନେଣ୍ଟାଲ ଡିଭାଇସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଡିଆଇଏଲ), ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ଏବଂ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଏସଆଇପି) ଟେକ୍ନୋଲୋଜିଠାରୁ ମିଳିଛି।

ଏହି ଚାରୋଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟ ଇଲେକ୍ଟ୍ରୋନିକ୍ ଉତ୍ପାଦନ ପରିଦୃଶ୍ୟ ସକ୍ରିୟ ହୋଇପାରିବ ଯାହାଫଳରେ ଅନେକ ପରୋକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ। ଆଜି ଏହି ୪ଟି ପ୍ରକଳ୍ପ ଅନୁମୋଦନ ସହିତ, ଆଇଏସଏମ ଅଧୀନରେ ମୋଟ ଅନୁମୋଦିତ ପ୍ରକଳ୍ପ ସଂଖ୍ୟା ୧୦ରେ ପହଂଚିଛି। ଏହାଦ୍ୱାରା ୬ଟି ରାଜ୍ୟରେ ପ୍ରାୟ ୧.୬୦ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭବ ହୋଇଛି।




ଦୂରସଂଚାର, ଯାନବାହନ, ଡାଟାସେଣ୍ଟର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସରେ ସେମିକଣ୍ଡକ୍ଟରର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏହି ୪ଟି ନୂତନ ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।ଓଡ଼ିଶାରେ ସିକସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସିଡିଆଇଏଲ ପଞ୍ଜାବରେ ଏବଂ ଏଏସଆଇପି ଆନ୍ଧ୍ରପ୍ରଦେଶରେ ପ୍ରକଳ୍ପ ପ୍ରତିଷ୍ଠା କରିବେ। ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ। ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ। ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ। ଏହି ୟୁନିଟ୍ର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବଲ୍ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ।

ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିଜ୍ (ଏଏସଆଇପି) ଦକ୍ଷିଣ କୋରିଆର ଆପାକ୍ଟ କୋ. ଲିମିଟେଡ୍ ସହିତ ପ୍ରଯୁକ୍ତିବିଦ୍ୟା ସହଭାଗିତା ଅଧୀନରେ ଆନ୍ଧ୍ରପ୍ରଦେଶରେ ଏକ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଏହାର ବାର୍ଷିକ କ୍ଷମତା ୯୬ ନିୟୁତ ୟୁନିଟ୍ ହେବ। ଏଠାରେ ଉତ୍ପାଦିତ ସାମଗ୍ରୀଗୁଡ଼ିକ ମୋବାଇଲ୍ ଫୋନ୍, ସେଟ୍-ଟପ୍ ବକ୍ସ, ଅଟୋମୋବାଇଲ୍ ଆପ୍ଲିକେସନ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉତ୍ପାଦରେ ପ୍ରୟୋଗ କରାଯିବ।

କଣ୍ଟିନେଣ୍ଟାଲ ଡିଭାଇସ୍ (ସିଡିଆଇଏଲ) ପଞ୍ଜାବର ମୋହାଲିରେ ଏହାର ଡିସ୍କ୍ରିଟ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସମ୍ପ୍ରସାରଣ କରିବ। ପ୍ରସ୍ତାବିତ ୟୁନିଟ୍ ସିଲିକନ୍ ଏବଂ ସିଲିକନ୍ କାର୍ବାଇଡ୍ ଉଭୟରେ ଏମଓଏସଏଫଇଟି, ଆଇଜିବିଟି, ସ୍କଟକି, ବାଇପାସ୍ ଡାୟୋଡେସ୍ ଏବଂ ଟ୍ରାଞ୍ଜିଷ୍ଟର ଭଳି ଉଚ୍ଚ-ଶକ୍ତି ବିଶିଷ୍ଟ ଡିସ୍କ୍ରିଟ୍ ସେମିକଣ୍ଡକ୍ଟର ଡିଭାଇସ୍ ଉତ୍ପାଦନ କରିବ। ଏହି ବ୍ରାଉନଫିଲ୍ଡ ସମ୍ପ୍ରସାରଣର ବାର୍ଷିକ କ୍ଷମତା ୧୫୮.୩୮ ନିୟୁତ ୟୁନିଟ୍ ହେବ। ଏହି ପ୍ରସ୍ତାବିତ ୟୁନିଟ୍ ଦ୍ୱାରା ନିର୍ମିତ ଡିଭାଇସ୍ଗୁଡ଼ିକର ଇଭି ଏବଂ ଏହାର ଚାର୍ଜିଂ ଭିତ୍ତିଭୂମି, ଅକ୍ଷୟ ଶକ୍ତି ପ୍ରଣାଳୀ, ବିଦ୍ୟୁତ୍ ପରିବର୍ତ୍ତନ କ୍ଷେତ୍ରରେ ପ୍ରୟୋଗ, ଶିଳ୍ପ ପ୍ରୟୋଗ ଏବଂ ଯୋଗାଯୋଗ ଭିତ୍ତିଭୂମି ସମେତ ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସରେ ପ୍ରୟୋଗ କରାଯିବ।

ଏହି ପ୍ରକଳ୍ପଗୁଡ଼ିକର ଅନୁମୋଦନ ସହିତ ଦେଶରେ ସେମିକଣ୍ଡକ୍ଟର ପରିଦୃଶ୍ୟକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ। କାରଣ ଏହି ପ୍ରକଳ୍ପଗୁଡ଼ିକରେ ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ଫ୍ୟାବ୍ ସହିତ ଉଚ୍ଚମାନର ଗ୍ଲାସ୍-ଆଧାରିତ ସବଷ୍ଟ୍ରେଟ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ ଅନ୍ତର୍ଭୁକ୍ତ।

ଏହି ପ୍ରକଳ୍ପଗୁଡ଼ିକ ଦେଶରେ ବିକଶିତ ହେଉଥିବା ବିଶ୍ୱସ୍ତରୀୟ ଚିପ୍ ଡିଜାଇନ୍ କ୍ଷମତାକୁ ଆହୁରି ସୁଦୃଢ଼ କରିବ, ଯାହାକି ସରକାରଙ୍କ ଦ୍ୱାରା ୨୭୮ଟି ଶିକ୍ଷାନୁଷ୍ଠାନ ଏବଂ ୭୨ଟି ଷ୍ଟାର୍ଟ-ଅପ୍ ପାଇଁ ପ୍ରଦାନ କରାଯାଇଥିବା ଡିଜାଇନ୍ ଭିତ୍ତିଭୂମି ସହାୟତା ଦ୍ୱାରା ସମର୍ଥିତ।ଏବେ ସୁଦ୍ଧା ୬୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମର ଲାଭ ଉଠାଇ ସାରିଛନ୍ତି।

## ସବୁ ସରକାରୀ ଅଫିସରେ ଲାଗିବ ଏଆଇ କ୍ୟାମେରା

**ଭୁବନେଶ୍ୱର, ୧୨।୮ (ମହାଭାରତ):** ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟାଳୟରେ ଠିକ୍ ସମୟରେ ଉପସ୍ଥାନ ନରହିଲେ କାର୍ଯ୍ୟାନୁଷ୍ଠାନ, ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରୁ ନଥିବା ସରକାରୀ ଅଧିକାରୀ ତଥା କର୍ମଚାରୀ ମାନଙ୍କୁ ଅବସର ପୂର୍ବରୁ ଅବସର ଦେବା, ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସଂପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସଂପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁବିଭାଗକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରୁଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଥିଲେ। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁ ନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ।

## 'ବ୍ଲୁ ଇକୋନୋମି'ର ପ୍ରମୁଖ ସ୍ଥଳ ହେବ ଓଡ଼ିଶା

**ଭୁବନେଶ୍ୱର, ୧୨।୮ (ମହାଭାରତ):** ଓଡିଶାକୁ ମେରିନ ବାୟୋଟେକ୍ନୋଲୋଜି ଏବଂ ବ୍ଲୁ ଅର୍ଥନୀତି ମାନ୍ୟରେ ବିଶ୍ୱ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପରିଚିତ କରାଯିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଓଡିଶା ମେରାଇନ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଏଣ୍ଡ ଇନୋଭେସନ କରିଡୋରର (ଓମ୍ବ୍ରିକ) ର ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ଏହା କରାଯାଉଛି।

ଲୋକ ସେବା ଭବନରେ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓମ୍ବ୍ରିକ୍‌କୁ ବୈଜ୍ଞାନିକ ସମୁଦାୟ ପାଇଁ ଏକ ଆଶାର କିରଣ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ, ଏହା କେବଳ ଗବେଷଣା କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ଏପରି ମଂଚ ଯେଉଁଠାରେ ଓଡିଶାର ଯୁବ ଉଦ୍ୟମୀମାନେ ସ୍ଥାନୀୟ ସମ୍ବଳ ଉପରେ ଆଧାରିତ କିନ୍ତୁ ବିଶ୍ୱ ମାନକ ପାଳନ କରୁଥିବା ମେରାଇନ ବାୟୋଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକର ସ୍ଥାପନା କରିପାରିବେ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ ପରିବେଶ ସୁରକ୍ଷା, ବିଜ୍ଞାନ ଆଧାରିତ ପର୍ଯ୍ୟଟନ, ବିନିଯୋଗ, ରୋଜଗାର ସୃଜନ ଓ ତଟବର୍ତ୍ତୀ ଜୀବିକାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାକୁ ଓଡିଶାକୁ ଏକ କୋଷ୍ଟାଲ୍ ଇନୋଭେଟର୍ ଭାବରେ ପରିଚିତ କରିବାରେ ଏକ ଦୂରଦର୍ଶୀ ପଦକ୍ଷେପ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଆମେ ଆମର ଜୈବ ବିବିଧତାର ଦୋହନ କରୁ ନାହୁଁ, ବରଂ ଏହାକୁ ସୁରକ୍ଷିତ କରି, ଭାବି ଚିନ୍ତି ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରୁଛୁ। ବିକଶିତ୍ ଓଡ଼ିଶା ୨୦୩୬ ଏବଂ ବିକଶିତ ଇଣ୍ଡିଆ। ୨୦୪୭ ର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓମ୍ବ୍ରିକ୍ କେବଳ ଏକ ଗବେଷଣା କାର୍ଯ୍ୟକ୍ରମ ଭାବରେ ନୁହେଁ, ବରଂ ଏକ ପ୍ଲାଟଫର୍ମ ଭାବରେ ଡିଜାଇନ୍ କରାଯାଇଛି ଯେଉଁଠାରେ ଓଡ଼ିଶାର ଯୁବ ଉଦ୍ୟୋଗୀମାନେ ସ୍ଥାନୀୟ ସମ୍ବଳ ଏବଂ ବିଶ୍ୱ ମାନଦଣ୍ଡ ଉପରେ ଆଧାରିତ ସାମୁଦ୍ରିକ ବାୟୋଟେକ୍ ଷ୍ଟାର୍ଟଅପ୍ ନିର୍ମାଣ କରିପାରିବେ।

ଏହି ଅବସରରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ଦ୍ୱାରା ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସନ୍ ଟେକ୍ନୋଲୋଜି ସହିତ ଗବେଷଣା ସହଯୋଗ ସମ୍ମତିପତ୍ର ପରିଚାଳନା କରାଯାଇଛି। ସେହି ସହିତ, ଓଡିଶାର ଛଅଟି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ସହିତ ମଧ୍ୟ ଏକ ଏକରି ସମ୍ମତିପତ୍ର ହୋଇଛି, ଯେଉଁମାନେ ବିଶେଷ ଗବେଷଣା କେନ୍ଦ୍ରର ଭୂମିକା ନିର୍ବାହ କରିବେ। ଏଗୁଡିକ ମଧ୍ୟରେ ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଆଇଏସଇଆର୍ ବ୍ରହ୍ମପୁର, ଆଇଏଲଏସ୍ ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସାମିଲ ରହିଛି। ମୁଖ୍ୟ ସଚିବ ମନୋଜ ଆହୁଜା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ଶ୍ରୀମତୀ ପୂଜା ମିଶ୍ର ଧନ୍ୟବାଦ ପ୍ରସ୍ତାବ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ସମସ୍ତ ୬ଟି ଅନୁଷ୍ଠାନ (ଆଇଆଇଟି-ଭୁବନେଶ୍ୱର, ବରହମପୁର ବିଶ୍ୱବିଦ୍ୟାଳୟ, ଏଫଏମ ବିଶ୍ୱବିଦ୍ୟାଳୟ, ଏନଆଇଟି ରାଉରକେଲା, ଆଇଏସଆର-ବରହମପୁର ଏବଂ ଆଇଏଲଏସ-ଭୁବନେଶ୍ୱର) ଭାଇସ ଚାନ୍ସେଲର ଓ ଡାଇରେକ୍ଟରମାନେ ମଧ୍ୟ ଉପସ୍ଥିତ ଥିଲେ।

## ପୋଲିସ ସବୁବେଳେ ଆକ୍ସନ ମୋଡରେ ରହୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୮ (ମହାଭାରତ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଅପରାଧ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ।

ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଏହି ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ ଏହାକୁ ସୁନିଶ୍ଚିତ କରିବା ପାଇଁ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ସହିତ, ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁନିୟନ୍ତ୍ରିତ କରିବା



ପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ପଡୋଶୀ ରାଜ୍ୟ ସୀମାରୁ ଓଡ଼ିଶାକୁ ବ୍ରାଉନସୁଗାର ଚାଲାଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଏବଂ କଡ଼ାକଡ଼ି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଖୋଜ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଛି। ବିଗତ ଏକ ବର୍ଷ ମଧ୍ୟରେ ୮,୦୩୫ ମହିଳା ଓ ୩,୩୦୬ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି ବୋଲି ବୈଠକରୁ ଜଣାଯାଇଛି।ପୋଲିସ ବିଭାଗରେ ଖାଲି ରହୁଥିବା ପଦବୀ ଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଥିଲେ।

ବୈଠକରୁ ଜଣାପଡ଼ିଛି ଯେ, ରାଜ୍ୟରେ ପୋଲିସ ବିଭାଗର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଯୋଗୁଁ ମୋଟାମୋଟି ଭାବେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ୧୫ ବର୍ଷର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡିଛି ଯେ, ବିଗତ ଏକ ବର୍ଷ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଛି। ବେଆଇନ୍ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରା ଚାଲାଣ ଏବଂ ଜାମିନ୍ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ।

ଡ୍ରଗ୍ସ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ଦେଇ ଏହି ପଦକ୍ଷେପକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ।

## ଟି-ଶାର୍ଟ ପିନ୍ଧି ବିରୋଧୀ ସାଂସଦଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): କର୍ଣ୍ଣାଟକାରେ ଭୋଟ ଚୋରି ପରେ ବିହାର ଭୋଟର ତାଲିକାରେ ଜାଲିଆତି ହୋଇଥିବା ଅଭିଯୋଗ କରି ଦିଲ୍ଲୀରେ ଆଜି ପୁଣି ରଣହୁଙ୍କାର ଦେଇଛନ୍ତି ବିରୋଧୀ। ଆଜି ବିରୋଧୀ ଦଳର ସାଂସଦମାନେ 'ମିନ୍ତା ଦେବୀ'ଙ୍କ ଫଟୋ ଓ ନାଁ ଥିବା ଟି-ଶାର୍ଟ ପିନ୍ଧି ଭୋଟ ଜାଲିଆତିର ଅଭିଯୋଗ ଆଣିଛନ୍ତି। ଧଳା ରଙ୍ଗର ଟି-ଶାର୍ଟର ସାମ୍ନାରେ ମିନ୍ତା ଦେବୀଙ୍କ ଫଟୋ ରହିଥିବା ବେଳେ ପଛରେ ୧୨୪ ନଟ ଆଉଟ ଲେଖା ଯାଇଛି। ଏହି ଟି-ଶାର୍ଟକୁ ପିନ୍ଧି ସଂସଦ ହାଉସ କମ୍ପ୍ଲେକ୍ସରେ ବିରୋଧୀ ଦଳର ସାଂସଦମାନେ ନିର୍ବାଚନ କମିଶନଙ୍କ ବିରୋଧରେ ଗର୍ଜିଛନ୍ତି। ବିହାରରେ ଭୋଟର ତାଲିକା ସଂଶୋଧନ ସର୍ଭେକୁ ବିରୋଧ କରି ସେମାନେ ଏପରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାସ୍ତବରେ ବିହାର ଭୋଟର ତାଲିକାରେ ମିନ୍ତା ଦେବୀଙ୍କ ନାଁ ରହିଛି। ତାଙ୍କ ବୟସ ୧୨୪ ହୋଇଥିବା ତାଲିକାରେ ଉଲ୍ଲେଖ କରାଯାଇଛି। କିନ୍ତୁ ତାଙ୍କୁ ତାଲିକାରେ ପ୍ରଥମଥରର ମତଦାତା ବୋଲି ଦର୍ଶାଯାଇଛି।ବାସ୍ ଏହାକୁ ଆଧାର କରି ବିରୋଧୀ ବିହାରରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ ବା ଏସଆଇଆର କାର୍ଯ୍ୟକ୍ରମକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି।

## ମହଙ୍ଗା ମାଡ଼ରୁ ମୁକ୍ତି : ହ୍ରାସ ପାଇଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୨।୮ (ମହାଭାରତ): ଜୁଲାଇ ମାସର ଖୁଚୁରା ମୁଦ୍ରାସ୍ଫୀତି ରେକର୍ଡ ୧.୫୫% ଖସିଛି। ଏପରି ସ୍ଥିତି ୨୦୧୭ ଜୁଲାଇ ପରେ ପ୍ରଥମଥର ଦେଖିବାକୁ ମିଳିଛି। ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇବାର ଅର୍ଥ ମହଙ୍ଗା ମାଡ଼ରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି।ଜୁନ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୧୦% ରହିଥିଲା। ମାସକ ମଧ୍ୟରେ ଏହା ୫୫ ବେସିସ ପଏଣ୍ଟ ହ୍ରାସ ପାଇଛି।

ସରକାରଙ୍କ ସୂଚନା ଅନୁସାରେ, ଖାଦ୍ୟ ମୁଦ୍ରାସ୍ଫୀତି ଆଶାତୀତ ଭାବେ ହ୍ରାସ ପାଇଛି। ଜୁନ ତୁଳନାରେ ଜୁଲାଇରେ ଖାଦ୍ୟ ମୁଦ୍ରାସ୍ଫୀତି ମାଇନସ୍ ୧.୭୬%ରେ ପହଞ୍ଚିଛି। ଏହା ୨୦୧୯ ଜାନୁଆରୀ ପରେ ସର୍ବନିମ୍ନ। ଉଭୟ ଗ୍ରାମାଞ୍ଚଳ ଓ ସହରରେ ଖାଦ୍ୟ ଦାମ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ମାଇନସ୍ ୧.୭% ରହିଥିବା ବେଳେ ସହରରେ ଏହା ମାଇନସ୍ ୧.୯୦% ରହିଛି। ମୁଦ୍ରାସ୍ଫୀତି ହ୍ରାସ ପାଇବା ପଛରେ ଦରଦାମ କମିବା ମୁଖ୍ୟ କାରଣ ବିଶେଷ କରି ଡାଲି ଜାତୀୟ ଦ୍ରବ୍ୟ, ପନିପରିବା, ଅନାଜ, ପରିବହନ, ଶିକ୍ଷା, ଅଣ୍ଡା ଓ ଚିନିର ଦାମ କମିବାରୁ ଏପରି ସ୍ଥିତି ଦେଖିବାକୁ ମିଳିଛି।ଜୁନ ମାସରେ ଗ୍ରାମାଞ୍ଚଳର ମୋଟ ମୁଦ୍ରାସ୍ଫୀତି ୧.୭୨% ରହିଥିଲା ଜୁଲାଇରେ ଏହା ୧.୧୮%କୁ ଖସି ଆସିଛି ସେହିପରି ସହରାଞ୍ଚଳ ମୁଦ୍ରାସ୍ଫୀତି ୨.୦୫%ରୁ କମି ୨.୫୬%ରେ ପହଞ୍ଚିଛି। ଘରୋଇ ମୁଦ୍ରାସ୍ଫୀତି ୩.୧୭%ରେ ସ୍ଥିର ରହିଥିବା ବେଳେ ଶିକ୍ଷା ମୁଦ୍ରାସ୍ଫୀତି ୪.୦୦%କୁ ଖସିଛି ତେବେ ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୪.୫୭%କୁ ବୃଦ୍ଧି ପାଇଛି ପରିବହନ ଓ ଯୋଗାଯୋଗ ମୁଦ୍ରାସ୍ଫୀତି ୨.୧୨%କୁ କମି ଥିବା ବେଳେ ତୈଳ ଓ ଲାଇଟ ମୁଦ୍ରାସ୍ଫୀତି ୨.୬୭%କୁ ବଢ଼ିଛି।

## ରାଜ୍ୟରେ ହେବ ୩୨ ନୂତନ ସେତୁ

**ଭୁବନେଶ୍ୱର, ୧୨।୮ (ମହାଭାରତ):** ଓଡିଶାରେ ଏକ ପ୍ରମୁଖ ଭିତ୍ତିଭୂମି ଉନ୍ନତି ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସେତୁ ବନ୍ଧନ ଯୋଜନା ଅଧୀନରେ ଆଜି ୩୨ଟି ନୂତନ ସେତୁ ନିର୍ମାଣକୁ ଅନୁମୋଦନ ମିଳିଛି। ଦଶଟି ଜିଲ୍ଲାରେ ସଡ଼କ ସଂଯୋଗୀକରଣକୁ ଉନ୍ନତ କରିବା,



ଗତିଶୀଳତା ଏବଂ ସ୍ଥାନୀୟ ବିକାଶକୁ ବୃଦ୍ଧି କରିବା ଏହି ପ୍ରକଳ୍ପର ଲକ୍ଷ୍ୟ। ଅନୁମୋଦିତ ସେତୁ ବଲାଙ୍ଗୀର, ସୁବର୍ଣ୍ଣପୁର, ନୟାଗଡ଼, ସମ୍ବଲପୁର, ମାଲକାନଗିରି, ବରଗଡ, କୋରାପୁଟ, ଜଗତସିଂହପୁର, କଟକ ଏବଂ ପୁରୀ ଜିଲ୍ଲାରେ ନିର୍ମାଣ ହେବ। ଏହି ସ୍ଥାନଗୁଡ଼ିକ ଯାହା ମଧ୍ୟରୁ ଅନେକ ଗ୍ରାମାଞ୍ଚଳ କିମ୍ବା ଚ୍ୟାଲେଞ୍ଜିଂ ଭୂଖଣ୍ଡ ବିଶିଷ୍ଟ, ସୁଗମତା, ସାମଗ୍ରୀ ପରିବହନ ଏବଂ ସାଧାରଣ ଗତିଶୀଳତା ଦୃଷ୍ଟିରୁ ଯଥେଷ୍ଟ ଲାଭଦାୟକ ହେବ ବୋଲି ଆଶା କରାଯାଉଛି।

ସେତୁ ବନ୍ଧନ ଯୋଜନା ହେଉଛି ଏକ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଯାହା ଦୁର୍ଗମ ଏବଂ କମ୍ ସଂଯୋଗୀକୃତ ଅଞ୍ଚଳରେ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଜିଲ୍ଲାଗୁଡ଼ିକ ଉପରେ ଧ୍ୟାନ ଦେଇ, ରାଜ୍ୟ ସରକାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଭିତ୍ତିଭୂମିର ବ୍ୟବଧାନକୁ ଦୂର କରିବାକୁ, ଯାତ୍ରା ସମୟ ହ୍ରାସ କରିବାକୁ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛନ୍ତି।ଏହି ପଦକ୍ଷେପ ଭିଜନ ଓଡ଼ିଶା ୨୦୩୬ ସହିତ ରାଜ୍ୟର ବ୍ୟାପକ ଭିତ୍ତିଭୂମି ବିକାଶ ପାଇଁ ରୋଡମ୍ୟାପ। ବିଶେଷକରି ରାଜ୍ୟର ପଶ୍ଚିମ ଏବଂ ଦକ୍ଷିଣ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧିର ସହିତ ବାହକ ଭାବରେ ଉନ୍ନତ ରାସ୍ତା ଏବଂ ସେତୁ ନେଟୱାର୍କ ତିଆରି କରିବା ଲକ୍ଷ୍ୟ। କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି, ଆଗାମୀ ମାସଗୁଡ଼ିକରେ ଟେଣ୍ଡର ଏବଂ ସ୍ଥାନ ଯାଞ୍ଚ କରାଯିବ। ପିଡବ୍ଲୁଡି କାର୍ଯ୍ୟାନ୍ୱୟନ ତଦାରଖ କରିବ। ରାଜ୍ୟ ସରକାରଙ୍କ ଏକ ଉଦ୍ୟୋଗ, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସସି) ଲିମିଟେଡ୍, ପିଡବ୍ଲ୍ୟୁଡି ସହିତ ସେତୁ ନିର୍ମାଣରେ ମଧ୍ୟ ଅଂଶଗ୍ରହଣ କରିବ।

ରାଜ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବା ପାଇଁ ସରକାର ମହାନଦୀ, ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତା ନଦୀରେ ଚାରୋଟି ପ୍ରମୁଖ ସେତୁ ନିର୍ମାଣ କରିବାର ଯୋଜନା ମଧ୍ୟ ରହିଛି। ନିର୍ମାଣ ପାଇଁ ମୋଟ ୧,୨୬୪ କୋଟି ଟଙ୍କା ଖର୍ଚ୍ଚ ହେବ।

## ଓଡ଼ିଶାକୁ ୨୨୫୦ କୋଟିର ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୮ (**ମହାଭାରତ**): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ୪୬୦୦ କୋଟି ଟଙ୍କା ବ୍ୟୟରେ ୪ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ ଅନୁମୋଦନ ମିଳିଛି, ଯାହାକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଶେଷ ଭାବରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ ପ୍ରତିଷ୍ଠା କରିବା ପାଇଁ ୨୨୫୦ କୋଟି ଟଙ୍କାର ଉପହାର ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନରରେ ନୂଆ ଅଧ୍ୟାୟ ଯୋଡିହୋଇଛି। ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଏଟିଏମପି ୟୁନିଟ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱରରେ ସେମିକଣ୍ଡକର ୟୁନିଟରେ ସିଲିକନ କାର୍ବାଇଟ୍ ସେମିକଣ୍ଡକ୍ଟର ଉତ୍ପାଦନ ହେବ। ଏଠାରେ ଉତ୍ପାଦନ ହେବାକୁ ଥିବା ସେମିକଣ୍ଡକ୍ଟରର ଉପାଦେୟ ବିଷୟ ଗୁଡ଼ିକ ମିଶାଇଲ, ସ୍ପେଶ, ସାଟେଲାଇଟ୍, ଟେଲିକମ ଟାୱାର ଏବଂ ରେଳ ଇଞ୍ଜିନ କାମରେ ଲାଗିବ। ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ବିକାଶ ପରିସରରେ ଏହାର ଲ୍ୟାବ୍ ପ୍ରତିଷ୍ଠା ହେବ। ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠିତ ରିସର୍ଚ୍ଚ ପାର୍କ ଏହି ସେମିକଣ୍ଡକ୍ଟର ୟୁନିଟକୁ ଶିକ୍ଷା ଓ ଗବେଷଣାରେ ସହଯୋଗ ପ୍ରଦାନ କରିବ। ଦ୍ୱିତୀୟତଃ ଖୋର୍ଦ୍ଧାର ଇନଫୋ ଭ୍ୟାଲିରେ ଥ୍ରୀଡି ଗ୍ଲାସ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟରେ ବିଭିନ୍ନ ପ୍ରକାରର ଗ୍ଲାସ୍ ପ୍ୟାନେଲ୍ ନିର୍ମାଣ ହେବ। ଏଠାରେ ଉତ୍ପାଦନ ହେବାକୁ ଥିବା ଚିପ୍ ପ୍ରତିରକ୍ଷା, ରାଡାର, ଏରୋସ୍ପେଶ ଏବଂ ୱ୍ୟାରଲେସ୍ ଟେକ୍ନୋଲୋଜି କାମରେ ଲାଗିବ।



ସେ କହିଛନ୍ତି ଯେ ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ୫୦ ଭାଗ, ଓଡ଼ିଶା ସରକାର ୨୫ ଭାଗ ଏବଂ ନିବେଶକ ୨୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ। ଭୁବନେଶ୍ୱରରେ ସେମିକଣ୍ଡକର ଉତ୍ପାଦନ ୟୁନିଟ ପାଇଁ କେନ୍ଦ୍ର ସରକାର ପ୍ରାୟ ୭୦୦ କୋଟି ଏବଂ ଓଡ଼ିଶା ସରକାର ପ୍ରାୟ ୩୫୦ ଟଙ୍କା ଦେବେ। ଖୋର୍ଦ୍ଧାରେ ହେବାକୁ ଥିବା ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ପାଇଁ କେନ୍ଦ୍ର ସରକାର ପ୍ରାୟ ୮୦୦ କୋଟି ଏବଂ ରାଜ୍ୟ ସରକାର ପ୍ରାୟ ୪୦୦ କୋଟି ଦେବେ। ଅର୍ଥାତ୍ ଡବଲ ଇଞ୍ଜିନ ସରକାର ଏଥିପାଇଁ ସର୍ବମୋଟ ୨୨୫୦ କୋଟି ଟଙ୍କା ଦେବେ। ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ଜମି, ଜଳ, ବିଜୁଳି ସମେତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବେ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶାରେ କୋଇଲା, ଖଣି, ଲୁହାପଥର, କ୍ରୋମାଇଟ୍ ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ପାଇଁ ପରିଚୟ ପାଇଥିବା ବେଳେ ରେଳ, ସଡକପଥ, ବନ୍ଦର ଭିତ୍ତିଭୂମିରେ ପୁଞ୍ଜିନିବେଶ ହେଉଥିଲା। ଡବଲ ଇଞ୍ଜିନ ସରକାରର ପ୍ରୟାସ କାରଣରୁ ନ୍ୟୁ ଏଜ୍ ଇକୋନୋମୀ ବା ନୂଆ ସମୟର ଅର୍ଥନୈତିକ ଦୁନିଆରେ ଓଡ଼ିଶା ଯୋଡିହୋଇଛି। ନ୍ୟୁ ଏଜ୍ ଟେକ୍ନୋଲୋଜି ଆଧାରରେ ଏଠାରେ ସେମିକଣ୍ଡକ୍ଟରର ଦୁନିଆରେ ବହୁତ ବଡ କ୍ଲଷ୍ଟର ତିଆରି ହୋଇପାରିବ।

## ବେସନ ଲଡୁ

ସାମଗ୍ରୀ: ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

ପ୍ରଣାଳୀ: ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।



····· ପରଦା ଖବର ·····

# ରିଲିଜ୍ ହେଲା 'ପରମ ସୁନ୍ଦରୀ'ର ଟ୍ରେଲର



ଶେଷ ହେଲା ପ୍ରଶଂସକଙ୍କ ଅପେକ୍ଷା। ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କ ରୋମାଣ୍ଟିକ୍ କମେଡି ଫିଲ୍ମ 'ପରମ ସୁନ୍ଦରୀ'ର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମର ଟ୍ରେଲରକୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଥିଲେ। ମ୍ୟାଡକ୍ ଫିଲ୍ମସ୍ ସୋସିଆଲ ମିଡିଆରେ ଏହାର ଟ୍ରେଲର ରିଲିଜ୍ କରିଛି। ଏହି ୨ ମିନିଟ୍ ୪୦ ସେକେଣ୍ଡର ଟ୍ରେଲରରେ ଜାହ୍ନବୀ ଏବଂ ସିଦ୍ଧାର୍ଥଙ୍କ କେମେଷ୍ଟ୍ରି ସହ କମେଡି ଦେଖିବାକୁ ମିଳୁଛି। ପ୍ରଶଂସକମାନେ ଫିଲ୍ମର ଟ୍ରେଲରକୁ ବହୁତ ପସନ୍ଦ କରୁଛନ୍ତି ।ଏହି ଫିଲ୍ମରେ ଜାହ୍ନବୀ କପୁର କେରଳର 'ସୁନ୍ଦରୀ' ଭୂମିକାରେ ଅଭିନୟ କରିଛନ୍ତି ଏବଂ ସିଦ୍ଧାର୍ଥ ମଲହୋତ୍ରା ଦିଲ୍ଲୀର 'ପରମ' ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିରେ ଉତ୍ତର ଏବଂ ଦକ୍ଷିଣ ମଧ୍ୟରେ ଏକ ସମନ୍ୱୟ ଦେଖାଯାଇଛି ।ଟ୍ରେଲରଟି ସିଦ୍ଧାର୍ଥ-ଜାହ୍ନବୀ ସହିତ ଆରମ୍ଭ ହେଉଛି, ଉଭୟ ଏକ ଚର୍ଚ୍ଚରେ ଦେଖାଯାଆନ୍ତି। ଏହାପରେ କାହାଣୀରେ ଉତ୍ତର ଭାରତରୁ ଆସିଥିବା ପରମ, କେରଳରେ ସୁନ୍ଦରୀ ଏବଂ ତାଙ୍କ ପରିବାରଙ୍କ ଘରେ ରହିଥାଏ ।ଉଭୟ ପ୍ରେମରେ ପଡ଼ିଯାଆନ୍ତି, କିନ୍ତୁ ତା'ପରେ ସେମାନଙ୍କ ମଧ୍ୟରେ ଏକ ଭୁଲ ବୁଝାମଣା ସୃଷ୍ଟି ହୁଏ, ଯାହା ଯୋଗୁଁ ଉଭୟ ଅଲଗା ହୋଇଯାଆନ୍ତି। ଉଭୟଙ୍କ ମଧ୍ୟରେ କାହିଁକି ଭୁଲ ବୁଝାମଣା ହୋଇଥିଲା ତାହା ଜାଣିବା ପାଇଁ ଫିଲ୍ମ ରିଲିଜ୍ ପାଇଁ ଅପେକ୍ଷା କରିବାକୁ ପଡିବ। ଏହି ଫିଲ୍ମ ୨୯ ଅଗଷ୍ଟରେ ସିନେମା ହଲରେ ମୁକ୍ତିଲାଭ କରିବାକୁ ଯାଉଛି । ଟ୍ରେଲରଟି ବହୁତ ମଜାଦାର ଢଙ୍ଗରେ ଶେଷ ହୁଏ।




## ଏହିସବୁ ରଙ୍ଗ ଘରକୁ ଦେଇଥାଏ ବଢିଆ ଲୁକ୍



ଘରର ବାହାରର ରଙ୍ଗ ପାଇଁ ଅନେକ ଲୋକ ଅନ୍ୟମାନଙ୍କ ପରାମର୍ଶ ନିଅଁ । କିଁ ଅନେକ ଘରର ଭିତରର ରଙ୍ଗକୁ ଏତେ ଧ୍ୟାନ ଦିଅଁ ନାହିଁ । ତେବେ ରଙ୍ଗ ବାଛି ନଜାଣିଲେ ଯେତେ ସୁନ୍ଦର ଡିଜାଇନରର ଘର ହୋଇଥିଲେ ବି ତାହା ଆଖିକୁ ଭଲ ଦିଶେ ନାହିଁ । ଘରର ଭିତରର ରଙ୍ଗ ପାଇଁ କେହି କେହି କଲର ଡିଜାଇନରଙ୍କ ପରାମର୍ଶ ନିଅଁ । ତେବେ ସେମାନଙ୍କ ବିନା ସହାୟତାରେ ମଧ୍ୟ ଆପଣ ଘର ପାଇଁ ସଠିକ୍ ରଙ୍ଗ ବାଛି ପାରିବେ । ତା'ହେଲେ ଆସଁ ଜାଣିବା ଘରର କେଉଁ ରୁମରେ କେଉଁ ରଙ୍ଗ ଦେବା ଉଚିତ୍ ।

୧- ରୋଷେଇ ଘରେ ଲାଲ କିମ୍ବା କମଳା ରଙ୍ଗ କରଁ ।

୨- ବାଥରୁମରେ ଧଳା କିମ୍ବା ହାଲକା ନୀଳ ରଙ୍ଗ କରଁ ।

୩- ଗେଷ୍ଟଙ୍କ ପାଇଁ ଡ୍ରଇଂ ରୁମ୍ ଆକର୍ଷଣୀୟ ହେବା ଆବଶ୍ୟକ । ଏଥିପାଇଁ ଡ୍ରଇଂ ରୁମ୍‌ରେ ସ୍କାଏ,କ୍ରୀମ୍ କିମ୍ବା ହାଲକା ରଙ୍ଗ କଲେ ମଡର୍ଣ୍ଣ ଲୁକ୍ ଦେଇଥାଏ ।

୪- ଠାକୁର ଘରେ ହଳଦିଆ କିମ୍ବା ହାଲକା ହଳଦିଆ ରଙ୍ଗ କଲେ ଭଲ ଲାଗିବ ।।

୫- ପିଲାଙ୍କ ପାଠପଢା ଘରକୁ ସବୁଜ ରଙ୍ଗ କରଁ ।

୬- ବେଡରମକୁ ଗୋଲାପୀ ରଙ୍ଗ, ଲାଇଟ୍ ଗ୍ରୀନ କିମ୍ବା କୌଣସି ହାଲକା ରଙ୍ଗ କରଁ ।

# ଘର କିମ୍ବା ଅଫିସ୍‌ରେ କିପରି ରଖିବେ ମାଛ ଆକ୍ୱାରିୟମ

ଘର କିମ୍ବା ଅଫିସରେ ଏପରି ରଖନ୍ତୁ ମାଛ ଆକ୍ୱାରିୟମ୍ ଘରେ କିମ୍ବା ଅଫିସରେ ମାଛ ଆକ୍ୱାରିୟମ୍ ରଖିବା ସମୟରେ କିଛି କଥା ପ୍ରତି ଧ୍ୟାନ ରଖିବା ଉଚିତ। ଏହାକୁ ଯଦି ଠିକ୍ ସ୍ଥାନ ଏବଂ ଦିଗରେ ରଖାଯିବ ତେବେ ଏହା ପରିବାର ଲୋକଙ୍କ ଖୁସିର କାରଣ ହୋଇପାରେ। ଆକ୍ୱାରିୟମ୍ ଭିତରେ ବୋହୁଥିବା ପାଣିର ଶବ୍ଦ ଘରେ ସକରାତ୍ମକ ଶକ୍ତିର ପ୍ରବାହ ଏବଂ ଖୁସିକୁ ମଧ ବଢ଼ାଇଥାଏ।

ଆକ୍ୱାରିୟମକୁ ପୂର୍ବ,ଉତ୍ତର ଏବଂ ପୂର୍ବ-ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। ଘରର ଉତ୍ତର ଭାଗ କ୍ୟାରିୟରର ପ୍ରତିନିଧିତ୍ୱ କରିଥାଏ ଏବଂ ପୂର୍ବ ଭାଗ ସୁଖକୁ ଦର୍ଶାଇଥାଏ।




ଦାମ୍ପତ୍ୟ ଜୀବନରେ ପାରସ୍ପରିକ ପ୍ରେମ ବଜାୟ ରଖିବା ପାଇଁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ରଖିବା ଉଚିତ। ତେଣୁ ଏହାକୁ ଡାହାଣ ପାର୍ଶ୍ୱରେ ରଖିବା ଦ୍ୱାରା ଘରର ପୁରୁଷଙ୍କ ମନ ଚଞ୍ଚଳ ହୋଇଥାଏ।

ମାଛ ଆକ୍ୱରିୟମକୁ ରୋଷେଇ ଘର କିମ୍ବା ବେଡରୁମରେ ରଖିବା ଅନୁଚିତ। ଏହି ସ୍ଥାନରେ ଆକ୍ୱରିୟମ୍ ରଖିବା ଦ୍ୱାରା ନାକାରାତ୍ମକ ଶକ୍ତି ବ୍ୟାପିଥାଏ। ଆକ୍ୱାରିୟମ୍ ଭିତରେ ସମସ୍ତ ୫ଟି ତତ୍ତ୍ୱ ସନ୍ତୁଳନ ସହ ରହିଛି। ଯେତେବେଳେ ଏହି ୫ଟି ତତ୍ତ୍ୱ ପରସ୍ପର ସହ ମିଶିଥାଏ ତେବେ ଏହି ଶକ୍ତିକୁ ପ୍ରବାହିତ କରିଥାଏ।

ଆକ୍ୱାରିୟମ୍ ଭିତରେ ଏକ କଳା ମାଛ ଏବଂ ୮-୯ଟି ନାରଙ୍ଗୀ ମାଛ ରହିବା ଉଚିତ।

ଆକ୍ୱାରିୟମର କୌଣସି ମାଛ ମରିଯାଇଥିଲେ ଏହାକୁ ଶୀଘ୍ର ହଟାଇ ତାହା ସ୍ଥାନରେ ନୂଆ ମାଛକୁ ଫିଶ ଟ୍ୟାଙ୍କରେ ପକାନ୍ତୁ।

# ବାବା ଗୋରେଖନାଥଙ୍କ ପୀଠ



ବାବା ଗୋରେଖନାଥ। ଜଗତସିଂହପୁର ଜିଲ୍ଲା ଛପଡା ପଞ୍ଚାୟତର କେରେକେରା ଗାଁରେ ବିଦ୍ୟମାନ ବାବା ଗୋରେଖନାଥ। ପ୍ରଭୁଙ୍କର ଅପାର ମହିମା। ପ୍ରଭୁଙ୍କ କରୁଣାରୁ ସର୍ପ ବିଷ ନାଶନ ଓ ଗୋ-ରୋଗ ନିରାକରଣ ହୋଇଥାଏ ବୋଲି ଯୁଗ ଯୁଗରୁ ବିଶ୍ୱାସ ରହିଆସିଛି। ସେଥିପାଇଁ ଏହି ପୀଠକୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି। ପୂର୍ବରୁ ଏହି ପୀଠ ଜଗତସିଂହପୁରର ହରିନାଥଙ୍କ ଗାଦି ଦ୍ୱାରା ପରିଚାଳିତ ହେଉଥିଲା। ନାଥଧର୍ମର ପତନ ପରେ ଏହା ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଏବେ ଏହା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ବରଗଛ ମୂଳରେ ଗାଦି ରହିଥିଲା। ମନ୍ଦିର ନଥିଲା। ୧୯୯୯ ମହାବାତ୍ୟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ର୍ନିମାଣ ହୋଇଛି ଭବ୍ୟ ମନ୍ଦିର। ଗୋରେକନାଥଙ୍କ ପୀଠରେ ବିଭିନ୍ନ ମଠଗାଦି, ଧୁନିକୁଣ୍ଡ, ଦେବମନ୍ଦିର ଥିବାରୁ ଏହି କ୍ଷେତ୍ର ବେଶ୍ ପ୍ରସିଦ୍ଧ। ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି। ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ। ମହାଭାରତରେ ବର୍ଣ୍ଣିତ ଅଛି ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ।୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମଚେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା। ସାଧୁ ମଚେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ। ସେ ଏକ ଧୁନି ସ୍ଥାପନ କରିଥିଲେ। ସେହି ଧୁନି ଆଜି ପର୍ଯ୍ୟନ୍ତ ଜଳି ଆସୁଛି। ଏହି ଧୁନିର ପାଉଁଶକୁ ବିଭୂତି କୁହାଯାଏ। ଏହି ବିଭୁତିକୁ ମୁଣ୍ଡରେ ମାରିଲେ ଓ ସେବନ କଲେ ସର୍ବୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ସନ୍ନ୍ୟାସୀ ଗୋରେଖନାଥ ଏଠାରୁ ଯିବା ପରେ ତାଙ୍କ ଦ୍ୱାରା ସ୍ଥାପିତ ଗାଦିକୁ ଲୋକମାନେ ପୂଜା ଆରାଧନା କରିବାକୁ ଲାଗିଲେ। ପରେ ପୀଠର ନାମ ଗୋରେଖନାଥ ନାମିରେ ନାମିତ ହେଲା। ଏଠାରେ ଲିଙ୍ଗ ପୂଜା ପାଆନ୍ତି ନାହିଁ। ଗାଦି ପୂଜାପାଇ ଆସୁଛନ୍ତି। ଗୋରେଖନାଥ ପୀଠର ରହିଛି ଅଲୌକିକ ମହିମା । ସର୍ପାଘାତ ରୋଗୀମାନେ ଏଠାରେ ଅଧିଆ ପଡିଲେ ଭଲ ହୋଇଥାନ୍ତି। ଗୋପାଳକମାନେ ଗୋ ସମ୍ପଦର ସୁରକ୍ଷା ପାଇଁ ଗୋରେଖନାଥଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଗାଈ ଜନ୍ମ କଲାପରେ ପ୍ରଥମ କ୍ଷୀର ମହାପ୍ରଭୁ ଗୋରେଖନାଥଙ୍କ ନିକଟରେ ଅର୍ପଣ କରିଥାନ୍ତି। ସେହି କ୍ଷୀରରେ ପ୍ରଭୁଙ୍କ ନିକଟରେ ଖିରି ପ୍ରସ୍ତୁତ କରାଯାଇ ଆର୍ପଣ କରାଯାଇଥାଏ। ଯଦି ନୀତିକାନ୍ତିରେ କୌଣସି ତ୍ରୁଟି ଦେଖାଦିଏ ତେବେ ଏହି ପୀଠରେ ଏକାଧିକ ନାଗସାପ ବରଗଛ ଓହଳରେ ଝୁଲି ରୁହନ୍ତି। ବାର ମାସରେ ତେର ପର୍ବ ପାଳିତ ହୁଏ। ଏହା ସହ ବାବା ଗୋରେଖନାଥଙ୍କ ଜନ୍ମଦିନ ଅଗ୍ନି ଉତ୍ସବ ଦିନରେ ହିଁ ପାଳିତ ହୋଇଆସୁଛି।

# ତୁଳସୀ ଗଛ ଆଣିଥାଏ ସୁଖ-ସମୃଦ୍ଧି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଗଛ ଲଗାଇବା ଦ୍ୱାରା ସାକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ସେହିପରି ବାସ୍ତୁରେ ବିଭିନ୍ନ ଗଛଲତାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଥାଏ। ଯେପରି ତୁଳସୀ ଗଛ ବାସ୍ତୁ ଦୋଷ ଦୂର କରିଥାଏ। ଏଥିପାଇଁ ତୁଳସୀ ଗଛ ଘରର ସେହି ସ୍ଥାନରେ ନିଶ୍ଚୟ ରଖିବା ଉଚି ଯେଉଁଠାରେ ବାସ୍ତୁ ଦୋଷ ରହିଥିବ। ଆସନ୍ତୁ ଜାଣିବା ତୁଳସୀ ଗଛ ସହ ଜଡ଼ିତ ବାସ୍ତୁ ଟିପ୍ସ।

ତୁଳସୀ ଗଛ ପାଇଁ ଉତ୍ତର,ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗ ବାଛିବା ଉଚିତ। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ଏବଂ ନକରାତ୍ମକ ଶକ୍ତି ଦୂର ହୋଇଯାଇଥାଏ।

ଅନେକ ଲୋକ ତୁଳସୀ ଗଛକୁ ଘର ଅଗଣାର କେନ୍ଦ୍ରରେ ରଖି ଦେଇଥାନ୍ତି କିନ୍ତୁ ବାସ୍ତୁ ଅନୁସାରେ ତୁଳସୀ ଗଛକୁ ସବୁବେଳେ ଘରର ଯେକୌଣସି କୋଣରେ ରଖିବା ଉଚିତ।



ଯଦି ଆପଣ ଘରେ ଗୋଟିଏରୁ ଅଧିକ ତୁଳସୀ ଗଛ ଲଗାଇଥାନ୍ତି ତେବେ ଧ୍ୟାନ ରଖନ୍ତୁ ଯେ, ଆପଣଙ୍କୁ ୩,୫,୭ ଯୁଗ୍ମ ସଂଖ୍ୟାରେ ତୁଳସୀ ଗଛ ଲଗାଇବା ଉଚିତ।

ଯେଉଁଠାରେ ତୁଳସୀ ଗଛ ଲଗା ହୋଇଥିବ ସେଠାରେ ଭୁଲରେ ମଧ ଝାଡ଼ୁ କିମ୍ବା ଡଷ୍ଟବିନ୍ ରଖିବା ଅନୁଚିତ। ତୁଳସୀକୁ ଦେବତୁଲ୍ୟ କୁହାଯାଏ। ବାସ୍ତୁ ଦୃଷ୍ଟିରୁ ତୁଳସୀ ବହୁତ ଶୁଭ ଗଛ ଅଟେ।

ଘରେ ସୁଖ ସମୃଦ୍ଧି ପାଇଁ ତୁଳସୀ ଗଛରେ ସନ୍ଧ୍ୟା ବେଳେ ଦୀପ ଜଳାନ୍ତୁ। ଏଥିରେ ମା ଲକ୍ଷ୍ମୀଙ୍କ କୃପା ରହିଥାଏ।

ଘରେ ଐଶାନ୍ୟ କୋଣରେ କୌଣସି ଧରଣର ବାସ୍ତୁ ଦୋଷ ଥିଲେ ଏହି ଦିଗରେ ତୁଳସୀ ଗଛ ଲଗାଇବା ଉଚିତ।

# ମାନବସମ୍ବଳକୁ ଉପଯୋଗ କରିବା ଆମର ଦାୟିତ୍ୱ

**ଭୁବନେଶ୍ୱର,୧୨।୮ (ମହାଭାରତ):** ଅପାର ସମ୍ଭାବନାର ଅଂଚଳ ଗଞ୍ଜାମ ହେଉଛି କଳା, ଦକ୍ଷତା ଏବଂ ପରିଶ୍ରମୀ ଲୋକଙ୍କ ସହର। ଗଞ୍ଜାମ ଜିଲ୍ଲାର ବିକାଶ ନ ହେଲେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ । ଗଞ୍ଜାମର ବ୍ୟବସାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆମକୁ ଯୋଜନା କରିବାକୁ ପଡ଼ିବ। ଗଞ୍ଜାମର ମାନବସମ୍ବଳକୁ ଉପଯୋଗ କରି ଅଧିକରୁ ଅଧିକ ରୋଜଗାର ସୃଷ୍ଟି କରିବା ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ ବୋଲି ରବିବାର ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଆୟୋଜିତ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଅପାର ସମ୍ଭାବନାର ଅଂଚଳ ଗଞ୍ଜାମ ହେଉଛି କଳା, ଦକ୍ଷତା ଏବଂ ପରିଶ୍ରମୀ ଲୋକଙ୍କ ସହର। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ପଡ଼ିଥିଲା କଟକର ଇଦଗା ପଡ଼ିଆରେ । ତେବେ ଏହା ପୂର୍ବରୁ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ଉଦ୍ୟମରେ ରମ୍ଭା ରାଜ ପ୍ରସାଦରେ ପ୍ରଥମ ରମ୍ଭା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଆନୁଷ୍ଠାନିକ ସମିତି ଗଠନ ଲାଗି ପ୍ରସ୍ତାବ ଦିଆଯାଇଥିଲା । ଗଞ୍ଜାମର ଲୋକମାନେ ଅଧିକ ଦକ୍ଷ, ଯେଉଁମାନେ ଗୁଜୁରାଟ, ସୁରଟ ସମେତ ବାହାର ରାଜ୍ୟରେ କାମ କରି ସେଠାକାର ଅର୍ଥନୀତିକୁ ବଢାଉଛନ୍ତି। ଦୁଃଖର ବିଷୟ, ଏହି ଜିଲ୍ଲାରୁ ଲମ୍ବା ସମୟ ଧରି ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଗଞ୍ଜାମ ଯେଉଁଠି ପହଂଚିବା କଥା, ସେଇଠି ପହଂଚିପାରିନାହିଁ । ପ୍ରତ୍ୟେକ ଘରୁ ଯୁବକମାନେ ନିଜ ମାଆ ଭଉଣୀଙ୍କୁ ଛାଡି, ଭିଟାମାଟିକୁ ତ୍ୟାଗ ଦେଇ ରୋଜଗାର ଆଶାରେ ବାହାରକୁ ଯାଉଛନ୍ତି। ଏହା ହେଉଛି ମୂଳ ପ୍ରଶ୍ନ । ବିନା ଗଞ୍ଜାମ ଜିଲ୍ଲାର ବିକାଶରେ ବିକଶିତ ଓଡ଼ିଶା ହୋଇପାରିବ ନାହିଁ । ଗଞ୍ଜାମର ବ୍ୟବସାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆମକୁ ଯୋଜନା କରିବାକୁ ପଡ଼ିବ। ଆମର ଦାୟିତ୍ୱ ଏହି



ଅଂଚଳରେ ଅଧିକ ରୋଜଗାର ସୃଷ୍ଟି କରିବା। ଏଠାକାର ଶିକ୍ଷା, ଦକ୍ଷତାକୁ ଆଗକୁ ନେବାକୁ ହେବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା କାରଣରୁ ଏଠାରେ ବିଜ୍ଞାନ ଶିକ୍ଷାରେ ଆଗକୁ ନେବା ପାଇଁ ୧୧୦୦ କୋଟି ଟଙ୍କା ବ୍ୟୟରେ ଆଇଜର, ବ୍ରହ୍ମପୁର ପରି ବିଶ୍ୱସ୍ତରୀୟ ଅନୁଷ୍ଠାନ ସ୍ଥାପନା ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୨୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ଆଜି ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା ଅତ୍ୟାଧୁନିକ ଟେକ୍ନୋଲୋଜି ସାହାଯ୍ୟରେ ପାନୀୟ ଜଳର ଅଭାବକୁ ଦୂର କରିବା ପାଇଁ ଲୁଣ ପାଣିକୁ ମଧୁର ଜଳରେ ପରିଣତ କରିବା ଦିଗରେ ଅଭିନବ ପଦକ୍ଷେପ ନିଆଯାଇଛି। ଏମକେସିଜି ମେଡିକାଲ କଲେଜ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟସ୍, ଖଲ୍ଲିକୋଟ, ଆର୍ମି ଡିଫେନ୍ସ କଲେଜ, କଲେଜ ଅଫ ଫିସରିଜର ଉନ୍ନତି କରି ଗଞ୍ଜାମର ମାନବସମ୍ବଳକୁ ଉପଯୋଗ କରିବା। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଛୋଟ ଉଦ୍ୟୋଗ ବା ଏମଏସଏମଇ କ୍ଷେତ୍ରରେ ଯେଉଁମାନେ ନିବେଶ କରିବେ, ସେଥିପାଇଁ ବାହାର ରାଜ୍ୟରେ ରୋଡ୍ ସୋ ହେବ। ଏହି ସମସାମୟିକ ସ୍ଥିତିରେ ଆମର ଯୁବପିଢିମାନେ ଲକ୍ଷ୍ୟ ରଖିବା ଉଚିତ୍, କେବଳ ରୋଜଗାର କରିବା ନାହିଁ ବରଂ ରୋଜଗାର ଦେବା ପାଇଁ ଚେଷ୍ଟା କରିବା। ବୁଣାକାରମାନଙ୍କ ବ୍ୟବସାୟକୁ ବଢାଇବା ସହ ହସ୍ତତନ୍ତ ପୋଷାକର ପୁନଃ ପରିଚୟ ଦେବାକୁ ଦାୟିତ୍ୱ ନେବାକୁ ହେବ।

ଡବଲ ଇଞ୍ଜିନ ସରକାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ଘର ଦିଆଯାଉଛି । ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଂଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୧୨।୮ (ମହାଭାରତ):** ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ। ରାଜଧାନୀ ଭୁବନେଶ୍ୱରରୁ ଆସିଛି ଏହି ଅଭିଯୋଗ। ମଞ୍ଚେଶ୍ୱର ଥାନା ଧିରୁକୁଟି ସାହିର ଏକ ଘରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପ ଘର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତ ମହିଳାଙ୍କ ନାଁ ତୃପ୍ତି ନାୟକ। ତାଙ୍କ ଘର ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆରେ। ଗତ ଫେବୃଆରୀ ମାସରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ଜାକେଲା ଗାଁର ପଦିଆ ନାୟକଙ୍କ ପୁଅ ବିକ୍ରମ ନାୟକଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସେମାନେ ଏବେ ମଞ୍ଚେଶ୍ୱର ଥାନା ଧିରୁକୁଟି ସାହିରେ ରହୁଛନ୍ତି। ତୃପ୍ତିଙ୍କ ବାପା ସୁବାସ ନାୟକ ମଞ୍ଚେଶ୍ୱର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ବିବାହ ପରଠାରୁ ଶାଶୂଘର ଲୋକେ ତାଙ୍କ ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଝିଅକୁ ତା' ଶାଶୂ ସବିତା ନାୟକ, ଶ୍ୱଶୁର ପଦିଆ ନାୟକ, ନଣଦ ରୋଜି ଓ ପ୍ରୀତି ଏବଂ ଭିଣୋଇ ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ତେଣୁ ଆମ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ଆମେ ଅନୁମାନ କରୁଛୁ। ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ମହିଳାଙ୍କ ବାପା ଦାବି କରିଛନ୍ତି। ପୁଲିସ ଅଭିଯୋଗ ପାଇବା ପରେ ତୃପ୍ତିଙ୍କ ସ୍ୱାମୀ ବିକ୍ରମ ନାୟକ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ବିକ୍ରମଙ୍କୁ ଗିରଫ କରିଛି ପୋଲିସ୍। ତାଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ହତ୍ୟା ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରହିଛି।

# ଇସ୍ପାତ ପ୍ରତିଷ୍ଠାନ ସ୍ଥାନାନ୍ତର ସ୍ଥଗିତ

**ଭୁବନେଶ୍ୱର,୧୨।୮ (ମହାଭାରତ):** କଳିଙ୍ଗ ନଗର ଠାରେ ପ୍ରତିଷ୍ଠିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ରାଉରକେଲାକୁ ସ୍ଥାନାନ୍ତରିତ ହେବ ନାହିଁ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାର ଏହି ନିଷ୍ପତ୍ତିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ସ୍ୱାଗତ କରିବା ସହିତ କେନ୍ଦ୍ର ମନ୍ତ୍ରୀ ଏଚ.ଡି.କୁମାର ସ୍ୱାମୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀ ଘଡାଇ ଏହି ପ୍ରତିଷ୍ଠାନକୁ ସ୍ଥାନାନ୍ତରିତ କରା ନ ଯିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ କେନ୍ଦ୍ରମନ୍ତ୍ରୀ କିମାର ସ୍ୱାମୀଙ୍କୁ ଅନୁରୋଧ କରି ଏକ ପତ୍ର ଲେଖିଥିଲେ। କେନ୍ଦ୍ର ସରକାର ତାଙ୍କ ଅନୁରୋଧ ରକ୍ଷା କରିଥିବାରୁ ଶ୍ରୀ ଘଡାଇ ଧନ୍ୟବାଦ ଜଣାଇବା ସହିତ କହିଛନ୍ତି ଯେ, ସ୍ୱର୍ଗତ ବିଜୁ ବାବୁଙ୍କ ନାମରେ ପ୍ରତିଷ୍ଠିତ ପ୍ରତିଷ୍ଠାନଟି କଳିଙ୍ଗନର ଠାରେ ଏକ ଅସ୍ଥାୟୀ ଗୃହରେ ଚାଲୁଛି। ରାଜ୍ୟ ସରକାର ଏହି ପ୍ରତିଷ୍ଠାନ ପାଇଁ କଳିଙ୍ଗନନଗର ଅଞ୍ଚଳରେ ୨୫ ଏକର ଜମି ଇଡ଼କୋ ପକ୍ଷରୁ ଯୋଗାଇ ଦେଇଛନ୍ତି। ଏଥିସହିତ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଠାରେ ଏହି ପ୍ରତିଷ୍ଠାନର ସିଟି ଅଫିସ କରିବା ପାଇଁ ରାଜ୍ୟ ସରକାର ୫ ଏକର ଜମି ମଧ ଯୋଗାଇ ଦେଇଛନ୍ତି।

# ଚଉଷଠି ଯୋଗିନୀ ମନ୍ଦିର ବିକାଶ ପାଇଁ ୮୮ କୋଟି

**ଭୁବନେଶ୍ୱର,୧୨।୮ (ମହାଭାରତ):** ଓଡ଼ିଶାର ବଲାଙ୍ଗିର ଜିଲାର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ରାଣୀପୁର ଝରିଆଲରେ ଅବସ୍ଥିତ ଐତିହାସିକ ଚଉଷଠି ଯୋଗିନୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପୀଠର ବିକାଶ ପାଇଁ ୮୭ କୋଟି ୯୩ ଲକ୍ଷ ୨୮ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା

ଚଉଷଠି ଯୋଗିନୀ ମନ୍ଦିର ହେଉଛି ଓଡ଼ିଶାର ଏକ ପ୍ରମୁଖ ତନ୍ତ୍ରପୀଠ, ଯାହା ନବମ ଶତାବ୍ଦୀରେ ନିର୍ମିତ ହୋଇଥିବା ବୋଲି ଅନୁମାନ କରାଯାଏ। ଏହି ମନ୍ଦିର ଭାରତର ଅନ୍ୟତମ ଯୋଗିନୀ ପୀଠ ମଧ୍ୟରେ ଗଣାଯାଏ ଏବଂ ଏହାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଶୈଳୀ ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରିଥାଏ। ମନ୍ଦିରରେ ୬୪ ଯୋଗିନୀଙ୍କ ମୂର୍ତ୍ତି ସହିତ ମହାମାୟା ଦେବୀଙ୍କ ପୂଜା କରାଯାଏ। ଏହି ପୀଠରେ ମହାଶିବରାତ୍ରି ଓ ଚୈତ୍ର ପର୍ବ ଭଳି ବଡ଼ ବଡ଼ ଉତ୍ସବ ପାଳନ କରାଯାଏ, ଯାହା ହଜାର ହଜାର ଭକ୍ତଙ୍କୁ ଆକର୍ଷିତ କରିଥାଏ। ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ



ପରିଡ଼ା କହିଛନ୍ତି ଯେ, ଏହି ଆର୍ଥିକ ସହାୟତା ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ପରିବେଶ ଉନ୍ନତି, ଗମନାଗମନ ସୁବିଧା ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରାଯିବ। ଏହା ଦ୍ୱାରା ମନ୍ଦିରକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ସହ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରାଯିବ। ଏହା ପୂର୍ବରୁ ୨୦୦୪-୦୫ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପର୍ଯ୍ୟଟନ ଯୋଜନାରେ ମନ୍ଦିର ବିକାଶ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା, କିନ୍ତୁ ଅନେକ କାରଣରୁ ସେହି ବିକାଶ କାର୍ଯ୍ୟ ଅଟକି ରହିଥିଲା। ଏହି ନୂଆ ଘୋଷଣା ସ୍ଥାନୀୟ ଅଞ୍ଚଳବାସୀ ଓ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦର ସଞ୍ଚାର କରିଛି। ଏହା ଦ୍ୱାରା ରାଣୀପୁର ଝରିଆଲରେ ଥିବା ଏହି ପୁରାତନ ତନ୍ତ୍ରପୀଠର ଗୌରବ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ଭୋଟ ଅସଙ୍ଗତି ନେଇ ହାଇକୋର୍ଟ ଯିବ ବିଜେଡି

**ଭୁବନେଶ୍ୱର,୧୨।୮ (ମହାଭାରତ):** ୮ ମାସ ତଳେ ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତର ମଗାଯାଇଥିଲା, ଯାହାର ସନ୍ତୋଷଜନକ ଉତର ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ, ବିଜୁ ଜନତା ଦଳ ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଆଜି ସୂଚନା ଦେଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ ଏହି ସୂଚନା ଦେଇଛନ୍ତି।

ଅମର ପଟ୍ଟନାୟକ କହିଥିଲେ, ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା । ପଚାଶ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା ।

ଶ୍ରୀ ପଟ୍ଟନାୟକ କହିଥିଲେ, ୨୦୨୪ ମସିହା ଡିସେମ୍ବର ୧୯ ତାରିଖରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା । ଏହାଛଡା, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି । ସେହିପରି ଭିଭିପ୍ୟାଡ଼ ବ୍ୟବସ୍ଥାରେ, କେବଳ ୫%ରେ ସୀମିତ ନରଖି, ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ, ଫର୍ମ ୧୭ ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ, ନିର୍ବାଚନ କମିସନ ତାହା ଦେଉନାହାନ୍ତି।

ଶ୍ରୀ ପଟ୍ଟନାୟକ କହିଥିଲେ, ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ ପ୍ରଶ୍ନ କରିଛି । କିନ୍ତୁ,

# ଯୁବକଙ୍କୁ ହତ୍ୟା

**ଭୁବନେଶ୍ୱର,୧୨।୮ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ହତ୍ୟା କରି କେନାଲ ନିକଟରେ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ସରକନ୍ତରା କେନାଲ ରୋଡ଼ରେ ମିଳିଛି ମୃତଦେହ। ମୃତ ବ୍ୟକ୍ତି ଜଣଙ୍କ ନାମ ଜ୍ୟୋତି ରଞ୍ଜନ ବେହେରା ହୋଇଥିବା ବେଳେ ସେ ଭୁବନେଶ୍ୱର ୟୁନିଟ ୧ ମାର୍କେଟରେ ଦୋକାନ କରିଥିବା ଜଣାପଡିଛି। ଜ୍ୟୋତି ରଞ୍ଜନଙ୍କ ଘର ବାହଦଲପୁର ଅଞ୍ଚଳରେ ହୋଇଥିବା ବେଳେ ଗତକାଲି ରାତିରୁ ନିଖୋଜ ଥିଲେ। ଆଜି ସକାଳ କେନାଲ ବନ୍ଧରେ ତାଙ୍କ ମୃତ ଦେହ ମିଳିଛି। ମୃତଦେହ ନିକଟରେ ତାଙ୍କ ଗାଡି ମଧ ପଡିଛି। ପେଶାରେ ସେ ଜଣେ ବ୍ୟବସାୟୀ ଥିବାରୁ କେହି ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ତେବେ ଘଟଣାସ୍ଥଳରେ ସକାଳୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

# ଓଡ଼ିଶାରେ ଉଦ୍ୟୋଗୀ ସଶକ୍ତୀ କରଣର ୪୦ବର୍ଷ ପୂର୍ତ୍ତି ପାଳନ କଲା ଓସମେ୍

**ଭୁବନେଶ୍ୱର,୧୨।୮ (ମହାଭାରତ):** ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଗଠନ (ଓସମେ) ପକ୍ଷରୁ ଏହାର ୪୦ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମ୍ମିଳନୀ ପାଳିତ ହୋଇଯାଇଛି। ସମଗ୍ର ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଓସମେ) କ୍ଷେତ୍ରର ଅଭିବୃଦ୍ଧିକୁ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଓସମେର ଋରିଦଶନ୍ଧିର ଅତୁଟ ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟରୁ ୫୦୦ରୁ ଅଧିକ ଏମଏସଏମଇ ଉଦ୍ୟୋଗୀ ଅଂଶଗ୍ରହଣ କରି ଓଡ଼ିଶାର ବ୍ୟବସାୟୀ ସମୁଦାୟର ଶକ୍ତି ଏବଂ ଜୀବନ୍ତତାକୁ ଆଲୋକପାତ କରିଥିଲେ।

ଏହି ସମ୍ମିଳନୀକୁ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରିଥିଲେ। ଏହି ଅବସରରେ ଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟର ଏମଏସଏମଇ - ଡିଏଫଓ, ଯୁଗ୍ମ ନିର୍ଦ୍ଦେଶକ ପି.କେ ଗୁପ୍ତା ଉପସ୍ଥିତି ଥିଲେ। ଓସମେ ପତାକା ଉତ୍ତୋଳନ ପରେ ଏକ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣରେ ଓସମେର ଅଧକ୍ଷ ଗୌରୀଶଙ୍କର ଦାଶ ସଦସ୍ୟ, ସହଯୋଗୀ ଓ ସରକାରୀ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉପଲବ୍ଧି, ପଦକ୍ଷେପ ଏବଂ ଭବିଷ୍ୟତ ଯୋଜନା ଉପରେ ପ୍ରମୁଖ ଆଲୋକପାତ କରି ଓସମେର ମହାସଚିବ ସାତ୍ୱିକ ସ୍ୱାଇଁ ବାର୍ଷିକ ରିପୋର୍ଟ ଉପସ୍ଥାପନା କରିଥିଲେ। ଦ୍ୱିତୀୟ ସେମିନାର 'ଖାଦ୍ୟ ପ୍ରକ୍ରିୟାକରଣ ଏମ୍ଏସ୍ଏମ୍ଇ କ୍ଲଷ୍ଟରରେ ମୂଲ୍ୟବୃଦ୍ଧି ପାଇଁ ସିଏଫସିର ମହତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ସରକାରଙ୍କ ଶିଳ୍ପ ନିର୍ଦ୍ଦେଶକ ତଥା ଓଏସ୍ଆଇସିର ପରିଋଳନା ନିର୍ଦ୍ଦେଶକ ସୁଶ୍ରୀ ଅବୋଲି ସୁନୀଲ ନରଭାଣେ ଯୋଗଦେଇ ଆଧୁନିକ ଖାଦ୍ୟ ପ୍ରକ୍ରିୟା କରଣ ପ୍ରଯୁକ୍ତିବିଦ୍ୟା, ଖାଦ୍ୟନିରାପତ୍ତା ଉପରେ ସୂଚନା ଦେଇଥିଲେ।

# ଦମ୍ପତିଙ୍କୁ ହଳ ବୁଲାଇଲେ ଗ୍ରାମବାସୀ

**ଭୁବନେଶ୍ୱର,୧୨।୮ (ମହାଭାରତ):** ଗତ କିଛି ଦିନ ହେବ ପ୍ରେମ କରି ଧରାପଡିବା କିମ୍ବା ପ୍ରେମ ବିବାହ କରିବା ଦମ୍ପତିଙ୍କୁ କଙ୍ଗାରୁ କୋର୍ଟରେ ଗ୍ରାମବାସୀ ମାନେ ଯେଭଳି ବର୍ବରତା ପ୍ରଦର୍ଶନ କରୁଛନ୍ତି ସେଥିରେ ଲଗାମ ଲାଗିବାକୁ ନାହିଁ କିମ୍ବା ଏହା ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ନିକଟରେ ଏଭଳି ଦୁଇ ତିନିଟି ଘଟଣା ଘଟିବା ପରେ ପୁନର୍ବାର କୋରାପୁଟରେ ଅନୁରୂପ ଭାବେ ଆଉ ଏକ ଅମାନୁଷିକ କଙ୍ଗାରୁ କୋର୍ଟ ଦୁଇ ବିବାହିତ ନବଦମ୍ପତିଙ୍କୁ ଗାଁ ଦାଣ୍ଡରେ ଲଙ୍ଗଳରେ ଯୋଚି ହଳ ବୁଲାଇଥିବା ଘଟଣା ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଅଞ୍ଚଳର ଏକ ଗାଁରେ ଏଭଳି ଏକ ଘଟଣା ଘଟିଛି। ଏକ ଆଦିବାସୀ ପରିବାର ଦୁଇ ଯୁବକ ଯୁବତୀ ପରସ୍ପରକୁ ପ୍ରେମ କରି ସମାନ ଜାତିରେ ବିବାହ କରିଥିବାରୁ ଗ୍ରାମବାସୀ ମାନେ ସେମାନଙ୍କୁ ସର୍ବସାଧାରଣରେ ଅପମାନିତ କରିଛନ୍ତି। ଜିଲ୍ଲାର ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ଚିଡି ବାଲସା ଗ୍ରାମରେ ଏହି ଘଟଣା ଘଟିଛି। ସ୍ଥାନୀୟ ସମ୍ପ୍ରଦାୟର ପରମ୍ପରା ବିରୁଦ୍ଧରେ ଯିବା ପାଇଁ ଗାଁ ଲୋକମାନେ ଦମ୍ପତିଙ୍କୁ ଏଭଳି ଅମାନୁଷିକ ଦଣ୍ଡ ଦେଇ ଗାଁ ଦାଣ୍ଡରେ ହଳ ବୁଲାଇବା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ନାରାୟଣପାଟଣା ବ୍ଲକର ପେଡା ଆଲୋଡା ଗ୍ରାମର ମେରୀ କୋଲେକା ଏବଂ ଚିଡିବାଲସାର ସୀତାରାମ କୋଲେକା ସମ୍ପର୍କୀୟ ହୋଇ ମଧ୍ ବିବାହ କରିଥିବାରୁ ସେଥିରେ ଗ୍ରାମବାସୀ ମାନେ ତାର ବିରୋଧ କରି ସମସ୍ତଙ୍କ ଉପସ୍ଥିତିରେ ଏଭଳି ଦଣ୍ଡ ଦେବା ସହିତ ଦୁହିଙ୍କ ବେକରେ ଜୁଆଳୀ ବାନ୍ଧି ହଳ ବୁଲାଇଥିଲେ। ଯେତେବେଳେ କି ତାଙ୍କ ସ୍ତ୍ରୀ ଲଙ୍ଗଳ ଧରି ପାଣି ଛିଞ୍ଚିଥିଲେ। ଗାଁ ଲୋକମାନେ କହିଛନ୍ତି ଯେ ଆଦିବାସୀ ନିୟମ ଅନୁଯାୟୀ, ଦମ୍ପତିଙ୍କୁ ଗୋଟିଏ ଗାଈ ଏବଂ ମଦ ମଧ୍ୟ ଜରିମାନା କରାଯାଇଥିଲା। ଦଣ୍ଡ ପରେ ଦମ୍ପତିଙ୍କୁ ଗାଁ ଲୋକେ ସ୍ୱାମୀ-ସ୍ତ୍ରୀ ଭାବରେ ଗ୍ରହଣ କରିଛନ୍ତି। ଏଭଳି ଏକ କୁତ୍ସିତ ପରମ୍ପରାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

# ଭୋଟ ଅସଙ୍ଗତି ନେଇ ହାଇକୋର୍ଟ ଯିବ ବିଜେଡି

**ଭୁବନେଶ୍ୱର,୧୨।୮ (ମହାଭାରତ):** ୮ ମାସ ତଳେ ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତର ମଗାଯାଇଥିଲା, ଯାହାର ସନ୍ତୋଷଜନକ ଉତର ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ, ବିଜୁ ଜନତା ଦଳ ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଆଜି ସୂଚନା ଦେଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ ଏହି ସୂଚନା ଦେଇଛନ୍ତି।

ଅମର ପଟ୍ଟନାୟକ କହିଥିଲେ, ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା। ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା। ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା । ପଚାଶ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା ।


ଶ୍ରୀ ପଟ୍ଟନାୟକ କହିଥିଲେ, ୨୦୨୪ ମସିହା ଡିସେମ୍ବର ୧୯ ତାରିଖରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା । ଏହାଛଡା, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ ଅନୁରୋଧ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି । ସେହିପରି ଭିଭିପ୍ୟାଡ଼ ବ୍ୟବସ୍ଥାରେ, କେବଳ ୫%ରେ ସୀମିତ ନରଖି, ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା। ନିୟମ ଅନୁଯାୟୀ ନିର୍ବାଚନ ପରେ, ଫର୍ମ ୧୭ ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ, ନିର୍ବାଚନ କମିସନ ତାହା ଦେଉନାହାନ୍ତି।

ଶ୍ରୀ ପଟ୍ଟନାୟକ କହିଥିଲେ, ନିକଟରେ ରାହୁଲ ଗାନ୍ଧୀ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ପରେ ରାଜ୍ୟରେ କଂଗ୍ରେସ ମଧ ପ୍ରଶ୍ନ କରିଛି । କିନ୍ତୁ,

# ୨୩ ଲକ୍ଷ ଚାରା ରୋପଣ କରିବ କୃଷି ବିଭାଗ

**ଭୁବନେଶ୍ୱର,୧୨।୮ (ମହାଭାରତ):** କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କ୍ରପ୍ ୱେଦର୍ ୱାଚ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଫସଲର ସ୍ଥିତି, ପାଣିପାଗ, ସାର ଯୋଗାଣ ସ୍ଥିତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଓଡ଼ିଶାରେ ବହୁଳ ମାତ୍ରାରେ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହେଉଛି। ଏହି ସବୁଜିମା ଅଭିଯାନ ଅନ୍ତର୍ଗତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୨୩ ଲକ୍ଷ ଚାରା ରୋପଣ କରାଯିବା ପାଇଁ ବିଭାଗ ନିଷ୍ପତି ନେଇଛି। ବର୍ତ୍ତମାନ ସମୟରେ ପାଣିପାଗ ଅନୁକୂଳ ଥିବାରୁ ଚାଷ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। କେନାଲ ଗୁଡ଼ିକର ମରାମତି କରି ଆବଶ୍ୟକ ପରିମାଣର ପାଣି ଚାଷ ଜମିକୁ ଯୋଗାଇ ଦିଆଯାଇଛି । ସେହିଭଳି, ସାରା ରାଜ୍ୟରେ ସାର ଯୋଗାଣ କରାଯାଉଛି । ଯେଉଁଠାରୁ ସାର ଯୋଗାଣ ନେଇ କିଛି ବି ଅଭିଯୋଗ ଆସୁଛି ବିଭାଗ ତା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ କୃଷି ସମୃଦ୍ଧି ହେଲ୍ପ ଲାଇନ ମାଧ୍ୟମରେ ଚାଷୀଙ୍କୁ ସଠିକ ସୂଚନା ପ୍ରଦାନ କରାଯାଉଛି। ଆଗାମୀ ସମୟରେ ସାର ଯୋଗାଣକୁ ସୁଦୃଢ଼ କରିବା ନିମନ୍ତେ ଅଧିକ ରେଳ ରେକ୍ ପଏଣ୍ଟ ପାଇଁ ବିଭାଗ ତରଫରୁ ରେଳ ମନ୍ତ୍ରଣାଳୟକୁ ଚିଠି ଲେଖା ଯାଇଛି।




ବୈଠକରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, କୃଷି ନିର୍ଦ୍ଦେଶକ ଶ୍ରୀମତୀ ଲିଟି ପଟ୍ଟନାୟକ, ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାନ୍ତି, କୃଷି ବିଭାଗ, ସମବାୟ ବିଭାଗ, ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ବିଦେଶରେ ଋକିରୀ ଦେବାକୁ କହି ଠକେଇ : ୨ ଗିରଫ

**ଭୁବନେଶ୍ୱର,୧୨।୮ (ମହାଭାରତ):** କମିସନରେଟ୍ ପୁଲିସ ଭୁବନେଶ୍ୱରରେ ଏକ ବଡ଼ଧରଣର ଋକିରି ଠକେଇର ପର୍ଦ୍ଦାଫାସ କରିଛି। ବିଦେଶରେ ଋକିରି ଦେବା ନାରେ ଟଙ୍କା ଠକେଇର ମାମଲାରେ ସହିଦନଗର ପୁଲିସ ଥାନା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀପତି ପାତ୍ର ଓରଫ ଅଜୟ (୩୯) ଓ ମିଳନ କୁମାର ସିଂହ (୨୫)। ସହିଦନଗର ପୁଲିସ କହିଛି ଯେ, ଅଭିଯୁକ୍ତ ସଞ୍ଜୟ କୁମାର କୋଲି, ସଞ୍ଜିଲାଲ କାନାବାଇ, ଅଜୟ କୁମାର ପାତ୍ର, ନିର୍ମଳ ଚନ୍ଦ୍ର ସାହୁ, କମଳ ଲୋଚନ ଦାସ ଓ ମିଳନ କୁମାର ସିଂହ ଜାଲିଆତି କରି ଭୁବନେଶ୍ୱରର ଜୟଦେବ ବିହାରରେ "Vtrecruti' ନାମକ ଏକ ଇମିଗ୍ରେସନ୍ କନସଲଟାନ୍ସି ପରିଋଳନା କରୁଥିଲେ।

ସିଙ୍ଗାପୁରରେ ବିଦେଶୀ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବବର୍ଗଙ୍କୁ ଠକୁଥିଲେ। କର୍ମ ସଂସ୍ଥାନ ପାଇଁ ବେକାର ଯୁବକମାନଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିଥିଲେ ଏବଂ ସକ୍ରିୟ ଭାବରେ ସମ୍ପୃକ୍ତ ନିର୍ମଳ ଚନ୍ଦ୍ର ସାହୁ ଏବଂ କମଳ ଲୋଚନ ଦାସଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ପଠାଇଥିଲେ। ପୀଡିତମାନଙ୍କୁ କୋଡ଼ିଏ ହଜାର ମୂଲ୍ୟର ବିମାନ ଟିକେଟ୍ ଦିଆଯାଇଥିଲା କିନ୍ତୁ କୌଣସି ବୈଧ ଭିସା ବ୍ୟବସ୍ଥା ନଥିଲା। ଠକେଇରେ ଶୀକାର ହୋଇଥିବା ବ୍ୟକ୍ତିମାନେ ସତ ଜାଣିବା ପରେ ସଂପୃକ୍ତ ସଂସ୍ଥା ତା'ର କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖିଥିଲା। ଏହି ଅଭିଯୋଗ ଆଧାରରେ ସହିଦନଗର ପୁଲିସ୍ ମାମଲା ନଂ-୨୧୮ ତାରିଖ ୦୫.୦୫.୨୦୨୫ ଧାରା ୩୧୮ (୪)/୩ (୫) ବିଏନ୍ଏସ୍‌ରେ ପଞ୍ଜୀକୃତ ହୋଇଛି। ତଦନ୍ତ ସମୟରେ ଜଣାପଡିଥିଲା ଯେ ଅପରାଧରେ ସକ୍ରିୟ ଭାବରେ ଜଡିତ ଅଭିଯୁକ୍ତ ନିର୍ମଳ ଚନ୍ଦ୍ର ସାହୁ ପୂର୍ବରୁ ମଧ ଗିରଫ ହୋଇଥିଲେ।

# ପଲିଥିନ ବ୍ୟବହାର

ସରକାରଙ୍କ କଟକଣା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଏହା ପଛରେ ବଡ଼ ଡିଲ ରହିଥିବା କୁହାଯାଉଛି। ନଚେତ ପୋଲିସ ଓ ପ୍ରଶାସନ ଆଖି ଆଗରେ କେମିତି ପଲିଥିନ ବିକ୍ରୀ ହେଉଛି ତଥାପି କାର୍ଯ୍ୟାନୁଷ୍ଠାନ କିପରି ହେଉନି ? ପ୍ରତିଦିନ ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପନୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ

॥ ଡକ୍ଟର ରାଜକିଶୋର ମିଶ୍ର ॥

*ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।*

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସବ୍ରଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସ୍ରଷ୍ଟ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ି ଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା। ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା। ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ। ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା। ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଜୀବନ ହିଁ ରାମାୟଣ

॥ ଅନୀତା ପଟ୍ଟନାୟକ ॥

ଖରା ଛୁଟି ହୋଇଥାଏ। ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି। ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ। ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ। ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ। ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ। ରେଳଯାତ୍ରା ଆରମ୍ଭ ହେଲା। ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ। ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ। ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ୍ୟ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ। ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ। ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ। ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ। ସଚେତନତାରୁ ଚିତ୍ତ ଆସେ। ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ। ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ। ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ। ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ। ଶରୀର ଏକ ମାଧ୍ୟମ। ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ। ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ। ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି। ଜୀବନ ପାଇଁ ନୁହେଁ। ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ। ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି। ଜୀବନ ହୃଦୟରେ ନାହିଁ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି। ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ। ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ। ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ। ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି। ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି। ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା। ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ। ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ। ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ। ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ। ବାପା କହିଲେ ନିଶ୍ଚୟ। ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି। ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ। ଶିବ ହେଉଛନ୍ତି ମଙ୍ଗଳମୟ। ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ। ମୋ ମା କହିଲେ ଆଜ୍ଞା ହଁ। ସୀତା ପୃଥିବୀଙ୍କ ଝିଅ। ଆମେ ପୃଥିବୀ ଉପରେ ନିର୍ଭରଶୀଳ। ଆମେ ଭୂଦେବୀ ନିକଟରେ ଶରଣାଗତ। ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ। ମା କହିଲେ ସେ ବିଦେହର ରାଜକନ୍ୟା। ଜନକଙ୍କର ଅନ୍ୟ ନାମ ବିଦେହ। ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ। ମନ, ଏହାର ଶରୀର ନାହିଁ। ଏହା ସର୍ବତ୍ର ବୁଲୁଥାଏ। ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି। ମନର ଝିଅ ବ୍ରହ୍ମଜ୍ଞାନ। ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା। ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ। ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ। ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ। ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ। ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ। ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧ୍ୟାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ। ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ। ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ। ମା କହିଲେ ସୀତା ଜ୍ଞାନର ପ୍ରତୀକ। ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ। ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ। ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ। ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା। ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଘଂନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ। ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ। ମା କହିଲେ, ସୀତା ମୁକ୍ତ ହୋଇ ଆଧ୍ୟାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ। ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ। ଝିଅ ତୁ ମନେରଖ – ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ। ଆଧ୍ୟାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ। ରାମ ଧର୍ମର ପ୍ରତୀକ। ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ)। ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ଦୂରଭାଷ : ୯୬୯୨୯୮୦୦୨୬**

# ବିଭେଦର କାରଣ ଓ ନିରାକରଣ

॥ ଅଜୟ କୁମାର ବେହେରା ॥

ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ। ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ। ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ। ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥାନ୍ୱେଷୀ। ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ। ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ। ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି। ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି। ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି। ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ। ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି। ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ। ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି। ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି। ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି। ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା। ମାତ୍ର ଖାଲି ବିଭେଦ। ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି। ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି। ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି। ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ। ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ। ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋଷ୍ନା ରାତ୍ରୀରେ ସବୁ ଭୂମିରେ ବିଚ୍ଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି। ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର। ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତୃ ରାହୁ। ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି। ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି। ରୁଦ୍ର ଈଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ। ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା। ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି। ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି। ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ। ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି। ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ। ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ। ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ। ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ।

## କଂଗ୍ରେସ ଦଳ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଭଦ୍ରକ ମେଡିକାଲରେ ପୀଡିତାଙ୍କୁ ଭେଟିଲେ

ଭଦ୍ରକ, (ମହାଭାରତ) : ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଫ୍ୟାକ୍ଟ ଫାଇଣ୍ଡିଂ ଟିମର ଏକ ପ୍ରତିନିଧି ଦଳ ଭଦ୍ରକ ମେଡିକାଲ ଗସ୍ତ କରି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଂଚଳର ପୀଡିତା ନାଁ ବାଳିକା ଝିଅକୁ ଭେଟିବା ସହ ତାଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି । ଜିଲ୍ଲା ସଂଯୋଜକ ଅସିତ ପଟ୍ଟନାୟକଙ୍କ ନେତୃତ୍ୱ ରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଭାପତି ବନ୍ଦିତା ପରିଡା ରାଜ୍ୟ କଂଗ୍ରେସର ନାରୀନେତ୍ରୀ ଅମିତା ବିଶ୍ୱାଳ, ନିରୁପମା ପାତ୍ର, ବାସନ୍ତୀ ବିଶ୍ୱାଳ, କନକ ଲତା ମଲ୍ଲିକ, ଜାନକୀ ମଲ୍ଲିକ, ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ବିଭାଗ ର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା କଂଗ୍ରେସର ମହିଳା ନେତ୍ରୀ ସବିତା ଚାନ୍ଦ, ଅମିତାବାଲା ଆଚାର୍ଯ୍ୟ ପ୍ରମୁଖ ଭଦ୍ରକ ମେଡିକାଲ ରେ ପହଂଚି ପୀଡିତା ଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥକ୍ଷ ପଚାରି ବୁଝି ଥିଲେ କ୍ଷକ୍ଷ ସେହିପରି ଦିନକୁ ଦିନ ରାଜ୍ୟରେ ମହିଳା ମାନଙ୍କ ଉପରେ ବଢୁଥିବା ନିର୍ଯ୍ୟାତନା କୁ ନେଇ ଉଦବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ । ନାରୀ ମାନଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି, ତୁରନ୍ତ ରାଜ୍ୟ ସରକାର ଇସ୍ତଫା ଦିଅନ୍ତୁ ବୋଲି ଗଣମାଧ୍ୟମ ଆଗରେ ଦାବୀ କରିଥିଲେ । ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସହ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି ପୂର୍ବତନ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାଁ,ସରୋଜ ନାୟକ, ଭରତ ତ୍ରିପାଠୀ, କାଉନସିଲର ଫରିୟାଜ ଖାଁ, କାଉନସିଲର ହେମନ୍ତ ସାହୁ, ଅନୁସୂଚିତ ଜାତି ବିଭାଗର ରାଜ୍ୟ ସମ୍ପାଦକ ଶଶିକାନ୍ତ ଜେନା, ଗେଲପୁର ପଂଚାୟତ ଯୁବନେତା କୁଲୁ ନାୟକ ଯୁବନେତା ମନୋରଞ୍ଜନ ଦାସ,ବବି ମହାନ୍ତି, ଫୟାଜ୍ ଖାଁ, ୨୪ନମ୍ବର ଯୁବ ନେତା ସୋଲେମାନ ଖାଁ, ବଳରାମ ରାଉତ, ବବଲୁ ଦାସ, ସେକ ତଇମୁର ଅଲି ପ୍ରମୁଖ ଯୋଗ ଦେଇଥିଲେ ।

## ବାଇକ ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନଂ ଜାତୀୟ ରାଜପଥ ଧାନବେଣୀ ଛକ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ମୃତ୍ୟୁ ବରଣ କରିଛି। ମୃତକ ଜଣକ ହେଲେ ଝାଡଖଣ୍ଡ ରାଜ୍ୟ ସାହେବଗଞ୍ଜ ଜିଲ୍ଲା ବାହାରୁଆ ଥାନା ଅନ୍ତର୍ଗତ ଅବରାଟାଲ ଗ୍ରାମର ଇମାମ ହୁସେନ ବୋଲି ଜଣାପଡିଛି । ସୂଚନାନୁସାରେ ସେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ଆଜି ମଧ୍ୟାହ୍ନ ରେ ସେ ବାଇକ୍ ଯୋଗେ ପାଟଣା ବଜାର କୁ ଯାଉଥିଲେ ଧାନବେଣୀ ଛକ ନିକଟରେ ଭାରସାମ୍ୟ ହରାଇ ଏକ ସିମେଣ୍ଟ କଂକ୍ରିଟ ଖୁଣ୍ଟ ରେ ପିଟି ହେବା ଫଳରେ ତାଙ୍କ ମୁଣ୍ଡ ରେ ଗଭୀର ଆଘାତ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡ଼ାକ୍ତର ତାଙ୍କୁ ରିସିଭ୍ ଡେଥ ଘୋଷଣା କରିଥିଲେ। ବାଇକ୍‌ଟି ଦ୍ରୁତଗତିରେ ଯାଉଥିବାରୁ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିବା ବେଳେ ଘଟଣା ସ୍ଥଳ ରେ ପାଟଣା ପୁଲିସ ପହଞ୍ଚି ବାଇକ୍ ଟିକୁ ଜବଦ କରିବା ସହିତ ଏ ନେଇ ପାଟଣା ଥାନା ଅପମୃତ୍ୟୁ ମାମଲା ମୂଳେ ମୃତକର ଶବ ବ୍ୟବଚ୍ଛେଦ କରାଇ ତାଙ୍କର ସମ୍ପର୍କୀୟ ଭାଇ ଙ୍କୁ ମର ଶରୀର ହସ୍ତାନ୍ତର କରିଛନ୍ତି।

## ଆନ୍ତର୍ଜାତୀୟ ଯୁବ ଦିବସ ପାଳନ

ଆସିକା, (ମହାଭାରତ) : ଆସିକା ବ୍ଲକ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦରରେ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଯୁବ ରେଡ଼କ୍ରସ ପକ୍ଷରୁ ଆନ୍ତର୍ଜାତୀୟ ଯୁବ ଦିବସ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଯୁବ ରେଡ଼କ୍ରସ ର ସଂଯୋଜକ ଡ଼କ୍ଟର କୁନା ସୁନା ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଷୋୟୀ ଉକ୍ତ ଦିବସର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଉପସ୍ଥିତ ଥିବା ଯୁବ ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବିନୀଙ୍କୁ ଯୁବ ଶକ୍ତି ଓ ସମ୍ଭାବନା ବିଷୟରେ ବାର୍ତ୍ତା ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ନିଜ ନିଜର ଅନୁଚିନ୍ତା ବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ପରିଶେଷରେ ସୁଶ୍ରୀ ଶୁଭଶ୍ରୀ ସାହୁ ନିଜର ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଛନ୍ତି ଓ ଏହା କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ଅଧ୍ୟାପକ ଅଭିଷେକ ବେହେରା, ଆଲୋକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଚୋରା ବାଲି ବୋଝେଇ ୫ ହାଇୱା ଜବତ: ଡ୍ରାଇଭର ଅଟକ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ତହସିଲ ଅନ୍ତର୍ଗତ କର୍ଲାପଡା ଫାଣ୍ଡି ନିକଟରେ ହାଇବା (ଟ୍ରକ) କୁ କାବୁ କରୁଛି ଖଣି ବିଭାଗ । ଚାନ୍ଦୋତରା ନଦୀରୁ ଦୀର୍ଘ ମାସ ମାସ ଧରି ବଲାଙ୍ଗୀର ଜିଲ୍ଲାର ଜଣେ ଠିକାଦାର ଉକ୍ତ ବାଲିଘାଟରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ଚାଲାଣ କରୁଥିବା ବେଳେ ସୂଚନା ପାଇଁ ଆଜି ରାତି ୧୨ଘଣ୍ଟା ସମୟରେ କର୍ଲାପଡା ଫାଣ୍ଡି ନିକଟରେ ଖଣି ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଚୋରା ବାଲି ବୋଝେଇ ହାଇୱା ଗାଡ଼ି ଜବତ କରିଛନ୍ତି । ଅପର ପକ୍ଷରେ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ବାଲି ମାଫିଆ ଠିକାଦାର ମାସ ମାସ ଧରି ବେଆଇନ ଚୋରା ବାଲି ଚାଲାଣ ବେଳେ ବାଲି ପ୍ରତି ରାତିରେ ଦଶରୁ ପନ୍ଦର ହାଇୱା ଏକାଧିକ ବାର ଓଭର ଲୋଡ କରି ଯିବା ଆସିବା ସମୟରେ ଗ୍ରାମର ରୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଓଭର ଲୋଡ ଗାଡ଼ି ବେଆଇନ ବାଲି ଘାଟ କୁ ରାସ୍ତା ନିମନ୍ତେ ସଂପୃକ୍ତ ବାଲି ମାଫିଆ ଅନେକ ନଦୀକୁ ସଂଯୋଗ କରୁଥିବା ଜଣାପଡିଛି । ବାଲିର କାଗଜପତ୍ର ଖଣି ବିଭାଗ ତାହାର ତଦନ୍ତ କରୁଥିବା ସୂଚନା ମିଳିଛି

## ବ୍ଲକ କାର୍ଯ୍ୟାଳୟରେ ଅଜଣା ବ୍ୟକ୍ତି : ସାମାଜିକ ଗଣମାଧ୍ୟମରେ ଭାଇରାଲ



ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜଣେ ଅଜଣା ବ୍ୟକ୍ତିର ପ୍ରବେଶ ଓ କାର୍ଯ୍ୟାଳୟ ପରିସରରେ କିଛି ଖୋଜାଖୋଜି କରୁଥିବା କଥା ଆଜି ସାମାଜିକ ଗଣମାଧ୍ୟମ ରେ ଭାଇରାଲ ହେଉଛି। ଦିବାଲୋକ ରେ ଏହି ବ୍ୟକ୍ତି ଜଣଙ୍କ କିଏ ଆଉ କଣ ପାଇଁ କାର୍ଯ୍ୟାଳୟ ଭିତରେ ପ୍ରବେଶ କରିଛନ୍ତି ତାହାକୁ ନେଇ ଆଜି ଅସ୍ତରଙ୍ଗ ବ୍ଲକ ରେ ଚର୍ଚ୍ଚା ଜୋର ଧରିଛି। ଏହିଭଳି ଅନେକ କାର୍ଯ୍ୟକଳାପ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ରେ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି କିଛି ବୁଦ୍ଧିଜୀବୀ ବଜାର ରେ ଚର୍ଚ୍ଚା କରୁଥିବା ବେଳେ ଆଜିର ଏ ଫୋଟୋ ଯାହା ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଛି ତାହା ଲୋକଙ୍କୁ ସନ୍ଦେହ ରେ ପକାଇଛି। ଏହି ଘଟଣା ର ନିରପେକ୍ଷ ତଦନ୍ତ କରିବାକୁ କିଛି ସାମାଜିକ କର୍ମୀ ଦାବୀ କରିଛନ୍ତି। ଏହି ଘଟଣା ଘଟିବା ପରେ ଆଳଙ୍ଗପୁର ପଞ୍ଚାୟତ ର ସାମାଜିକ କର୍ମୀ ରୁଦ୍ର ପ୍ରସାଦ ଲେଙ୍କା ଏକ୍ସ ମାଧ୍ୟମରେ ପୁରୀ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ କରି ଜଣାଇଛନ୍ତି। ଅଭିଯୋଗ କାରି କୁହନ୍ତି କିଛି ସମୟ ଆଗରୁ ବ୍ଲକ ମୁଖ୍ୟ କିରାଣୀ ଙ୍କ ସହିତ ଏହି ବ୍ୟକ୍ତି କିଛି କଥାବାର୍ତ୍ତା ହେଉଥିଲେ ଆଉ କିଛି ସମୟ ପରେ ମୁଖ୍ୟ କିରାଣୀ ଯିବା ପରେ ତାଙ୍କ ଅନୁପସ୍ଥିତ ରେ ତାଙ୍କ ଟେବୁଲ ଡ୍ର ସବୁ ଖୋଲି କିଛି ଖୋଜାଖୋଜି କରିଛନ୍ତି। ଯଦି ପ୍ରକୃତରେ ଏହି କାର୍ଯ୍ୟ କରୁଥିବା ବ୍ୟକ୍ତି ବ୍ଲକ ର କର୍ମଚାରୀ ହୋଇଥିବେ ତାହେଲେ ଏହା ଆଇନଗତ ବୋଲି ଗ୍ରହଣ କରାଯାଇପାରେ କିନ୍ତୁ ଯଦି ଉକ୍ତ ବ୍ୟକ୍ତି ବ୍ଲକ କର୍ମୀ ନୁହନ୍ତି ତାହେଲେ ବଡବାବୁ ଙ୍କ ଅନୁପସ୍ଥିତ ରେ ତାଙ୍କ ଟେବୁଲ ଟ୍ରେଜେରି ଖୋଲିବା ନିଶ୍ଚିନ୍ତ ପ୍ରକାର ଏକ ଦଣ୍ଡନୀୟ ଅପରାଧ ବୋଲି ଚର୍ଚ୍ଚା ହେଉଛି। ଏବେ ପ୍ରଶ୍ନ ଉଠୁଛି ଯେ ଯଦି ଏହି ବ୍ୟକ୍ତି ବ୍ଲକ କର୍ମୀ ହୋଇନଥିବେ ତାହେଲେ କେଉଁ ଅଧିକାର ରେ ଆଉ କାହା ଅନୁମତି ରେ ଏହିଭଳି ଘଟଣା ଘଟାଇଛନ୍ତି। ଅସ୍ତରଙ୍ଗ ବ୍ଲକରେ ଅନେକ ଜରୁରୀ କାଗଜପତ୍ର ଓ ଅନେକ ତଥ୍ୟ ମୁଖ୍ୟ କିରାଣୀ ଙ୍କ ମାର୍ଫତ ରେ ସୁରକ୍ଷିତ ମାତ୍ର ଯଦି କିଛି ଜରୁରୀ କାଗଜପତ୍ର ହଜିଯିବ ତେବେ କିଏ ଏଥିପାଇଁ ଦାୟୀ ରହିବ। ଫୋଟୋ ରେ ବ୍ୟକ୍ତି ଙ୍କର ମୁଖ ଦୃଶ୍ୟମାନ ହେଉନଥିବା ବେଳେ ଫୋଟୋ ଉତ୍ତୋଳନ କରି ଏକ୍ସ ମାଧ୍ୟମରେ ଅଭିଯୋଗ କରିଥିବା ଯୁବକ ଦାବୀ କରିଛନ୍ତି ଯେ ଏହି ବ୍ୟକ୍ତି କୌଣସି ଆଧାର ରେ ବ୍ଲକ କର୍ମୀ ନୁହନ୍ତି। ସେ ଯିଏ ହୁଅନ୍ତୁ ଘଟଣା ସମ୍ପୂର୍ଣ୍ଣ ଅସ୍ୱଷ୍ଟ ଥିବା ବେଳେ ସାମାଜିକ ଗଣମାଧ୍ୟମ ରେ ଏହି ପୃଷ୍ଠା ଘୁରିବୁଲୁଛି। ଏବେ ନେଇ ବୁଦ୍ଧିଜୀବୀ ମହଲ ରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗ ରେ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି କହିଛନ୍ତି ଯଦି କୌଣସି ବାହାର ଲୋକ ଏହି କାର୍ଯ୍ୟ କରିଥିବେ ତାହାଲେ ଏହା ସମ୍ପୂର୍ଣ୍ଣ ରୂପେ ବେ ଆଇନ କାର୍ଯ୍ୟ। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ସାମ୍ନା କୁ ଆସିବା ନିତ୍ୟାନ୍ତ ଆବଶ୍ୟକ ଓ ଯଦି ଉକ୍ତ ବ୍ୟକ୍ତି ବ୍ଲକ କର୍ମୀ ହୋଇନଥିବେ ତାହେଲେ କାର୍ଯ୍ୟାନୁଷ୍ଠାନ ନିତ୍ୟାନ୍ତ ଆବଶ୍ୟକ। ଏବେ ଦେଖିବାକୁ ବାକି ରହିଲା ଅଭିଯୋଗ ଉପରେ ବିଭାଗ କି ପ୍ରକାର ତଦନ୍ତ କରୁଛି ଆଉ ଜୈନକ ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟର କର୍ମୀ କି ବାହାର ବ୍ୟକ୍ତି ତାହା ସାମ୍ନା କୁହ ଆସିବା ନିହାତି ଦରକାର ବୋଲି ଜନସାଧାରଣ ଦାବି କରିଛନ୍ତି।

## ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ

କରଞ୍ଜିଆ, (ମହାଭାରତ) : ମୟୁରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ଅନ୍ତର୍ଗତ ଚମ୍ପାଝର ଗ୍ରାମରେ ସୋମବାର ସନ୍ଧ୍ୟାରେ ନିଜ ଘର ଭିତରେ ଲୁହା ରୋଡ଼ ଓ କାଠ ଫାଳିଆ ରେ ପିଟି ସ୍ତ୍ରୀ କୁ ହତ୍ୟା କରିଦେଇଛି ସ୍ୱାମୀ। ଏହି ଘଟଣା ରେ ପୋଲିସ ଅଭିଯୁକ୍ତ ସ୍ୱାମୀ କୁ ଗିରଫ କରିବା ସହିତ ହତ୍ୟାକାଣ୍ଡ ରେ ବ୍ୟବହୃତ ଲୁହା ରୋଡ଼ ଓ କାଠ ଫାଳିଆ କୁ ଜବତ କରିଛି ।ଅଭିଯୁକ୍ତ ଙ୍କ ସାନଭାଇ ରତନଲାଲ ହୋ ଙ୍କ ଅଭିଯୋଗ କ୍ରମେ ମହୁଲଡ଼ିହା ଥାନା ପୋଲିସ କେଶ ନମ୍ବର ୬୬ ଅନୁଯାୟୀ ଏକ ମାମଲା ରୁଜୁ କରି ଘଟଣା ର ତଦନ୍ତ ଜାରି ରଖିଛି ।ଗିରଫ ଅଭିଯୁକ୍ତ ଜଣକ ହେଲେ ଚମ୍ପାଝର ଗ୍ରାମର ଉଦୟ ହୋ ବୋଲି ଜଣା ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଚମ୍ପାଝର ଗ୍ରାମପଞ୍ଚାୟତ ଚମ୍ପାଝର ଗ୍ରାମର ଉଦୟ ହୋ (୫୦) ଓ ତାଙ୍କ ସ୍ତ୍ରୀ ସାଲିତା ମୁଣ୍ଡା ରୁହନ୍ତି ।ସୋମବାର ସନ୍ଧ୍ୟାରେ ପରକ୍ରିୟା ପ୍ରୀତି ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ୟରେ ଘର ଭିତରେ କଳହ ହୋଇ ଥିଲା ।ଏଥିରେ ସ୍ୱାମୀ ଉଦୟ ସ୍ତ୍ରୀ ସାଲିତା କୁ ଲୁହା ରୋଡ଼ ଓ କାଠ ଫାଳିଆ ରେ ଆକ୍ରମଣ କରିବା କାରଣ ରୁ ସ୍ତ୍ରୀ ର ଘଟଣାସ୍ଥଳ ରେ ମୃତ୍ୟୁ ଘଟିଥିଲା ।ପରେ ପଡୋଶୀ ଲୋକେ ଏହା ଦେଖି ମହୁଲଡ଼ିହା ଥାନା ପୋଲିସ କୁ ଖବର ଦେଇଥିଲେ ।ସୂଚନା ପାଇ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ କୁ ଘରୁ ନେଇ ଥାନାରେ ଅଟକ ରଖି ତଦନ୍ତ କରିଥିଲା। ଅଭିଯୁକ୍ତ ସ୍ୱାମୀ ଉଦୟ ସ୍ତ୍ରୀ କୁ ହତ୍ୟା କରିଥିବା ନେଇ ପୋଲିସ ନିକଟରେ ଥାନାରେ ସ୍ୱୀକାର କରିଥିଲା। ମଙ୍ଗଳବାର ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିବା ସହିତ ମୃତ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ବିଜ୍ଞାପିତ ଅଂଚଳ ପରିଷଦରେ ଜାଗା ମିଶନ ନାମରେ ଘୋଟାଲା

ଦଶପଲ୍ଲା, (ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଗରିବ ତଥା ବାସହରା ଲୋକଙ୍କ ପାଇଁ ଜାଗା ଓ ଗୃହ ଯୋଗାଇ ଦେବା ପାଇଁ ବିଗତ ସରକାର ବିଭିନ୍ନ ବ୍ୟବସ୍ଥା କରିଥିଲେ। ଜାଗା ମିଶନର ପରିକଳ୍ପନା କରାଯାଇ ଅନେକ ବାସହରାଙ୍କୁ ଜାଗା ପଟ୍ଟା ଯୋଗାଇ ଦିଆଯାଉଛି। ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦ ରେ ଜାଗାମିଶନ ନାମରେ ବସ୍ତି ବାସିନ୍ଦାଙ୍କୁ ପ୍ରଦାନ କରାଯାଇଥିବା ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ (ଏଲ ଆର ସି)ନାମରେ ହୋଇଛି ଘୋଟାଲା। ରାଜ୍ୟ ସରକାର ଜାଗା ମିଶନ ଦ୍ୱାରା ବସ୍ତି ବାସିନ୍ଦା ଙ୍କୁ ଘରପଟ୍ଟା ପ୍ରଦାନ ବନ୍ଦ କରିଥିବା ବେଳେ ଭିତିରି ଭାବେ ତହସିଲଦାରଙ୍କ ନିକଟରେ ଥିବା ପଟ୍ଟାକୁ ବସ୍ତି ବାସିନ୍ଦାଙ୍କୁ ଦେବା ପାଇଁ ବ୍ୟବସ୍ଥା ଚାଲିଥିବା ବେଳେ ଯାହାକୁ ପଟ୍ଟା ଦିଆଯିବ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯିବ ବୋଲି ଆଲୋଚନା ହେଉଛି। ବଡ଼ କଥା ହେଲା ଜନସାଧାରଣ ଙ୍କ ସୁଖ ଦୁଃଖ ବୁଝିବା ବଦଳରେ ଜନ ପ୍ରତିନିଧି ହୋଇ କିପରି ଏଲଆରସି ହାତେଇଲେ କିମ୍ବା କେଉଁ ଅଧିକାରୀ ସର୍ଭେ କରି ଏଲଆରସି ଦେଇଛନ୍ତି ତାହା ମଧ ଆଲୋଚନା ହେବା ସହିତ ପୁନଃ ତଦାରଖ କରାଯିବା ସହିତ ବସ୍ତିବାସିନ୍ଦା ଙ୍କୁ ଏଲ ଆର ସି ଦିଆଯିବା ନିମନ୍ତେ ଜନସାଧାରଣ ରେ ଦାବୀ ହେଉଅଛି।

## କୃମି ନାଶକ ଦିବସ ପାଳିତ

ଦେବଗଡ, (ମହାଭାରତ) : ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ କୃମି ନାଶକ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ବିଦ୍ୟାଳୟର ୧ ରୁ ୧୯ ବର୍ଷର ପିଲାମାନଙ୍କୁ ମାଗଣାରେ କୃମି ନାଶକ ଔଷଧ ବଣ୍ଟନ କରାଯାଉଛି । ଜିଲ୍ଲାପାଳ ଶ୍ରୀ ସାହୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁନ୍ଦର ଜୀବନ ପାଇଁ କୃମି ବଟିକା ପିଲାମାନେ ନିତ୍ୟନ୍ତ ଖାଇବା ଦରକାର କୃମି ସଂକ୍ରମଣକୁ ସହଜରେ ନିୟନ୍ତ୍ରଣ କରିହେବ। ଜିଲ୍ଲାପାଳ ଶ୍ରୀ ସାହୁ କୃମି ବଟିକା ପିଲାମାନଙ୍କୁ ଖୁଆଇଥିଲେ, ବିଦ୍ୟାଳୟ ଓ ଅଙ୍ଗନୱାଡି ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ଦିଆଯିବ । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଧନଞ୍ଜୟ ମହନ୍ତ, ଡ଼କ୍ଟର ପ୍ରଭାତ କୁମାର ଓଝା, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡି.ପି.ଏମ ସୁଶାନ୍ତ ପ୍ରହରାଜ,ପ୍ରଧାନ ଶିକ୍ଷକ ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ ଈଶ୍ୱର ଗୁରୁ, , ସ୍କୁଲ୍ ର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ଜିଲ୍ଲା ଚିକିତ୍ସାଳୟ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପାରାଦୀପ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ପାଳନ




ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ଅବସରରେ ଗତକାଲି ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ମହାବିଦ୍ୟାଳୟ ପରିସରରେ ନିରାଡମ୍ବରରେ ପାଳିତ ହୋଇଛି । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ତଥା ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ଶୃଙ୍ଖଳାର ସହ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ କରି ସଫଳ ହେବା ପାଇଁ ଓ ସହରକୁ ସ୍ୱଚ୍ଛ ରଖିବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ପାରାଦୀପ ମହାବିଦ୍ୟାଳୟ ର ପରିଚାଳନା ସମିତିର ଅଧ୍ୟକ୍ଷ ନିରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ଓ ବଡ଼ ମଣିଷ ହେବା ପାଇଁ ନିଜ ବକ୍ତବ୍ୟରେ ଉପଦେଶ ଦେଇଥିଲେ । ସେହିପରି ସମାଜସେବୀ, ଆଇକ୍ୟୁଏସି ସଦସ୍ୟା ତଥା ପାରାଦୀପ ମହାବିଦ୍ୟାଳୟ ପରିଚାଳନା ସମିତିର ପ୍ରାକ୍ତନ ସଦସ୍ୟା ପ୍ରୀତି ଆରତୀ ପରିଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥି ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜିକା ତଥା ମହାବିଦ୍ୟାଳୟ ରସାୟନ ବିଭାଗ ପ୍ରାଧ୍ୟାପିକା ଡ଼ଃ. ସ୍ମିତା ବିଶ୍ୱାଳ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ସମ୍ମାନିତ କରିବା ସହ ଆଗାମୀ ବର୍ଷରେ ଅବସର ନେବାକୁ ଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ କ୍ଷ ଶେଷରେ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ରଘୁନାଥ ଜନସେବା ଟ୍ରଷ୍ଟ ପକ୍ଷ୍ୟରୁ ରକ୍ତଦାନ ଶିବିର

ଜଟଣୀ, (ମହାଭାରତ) : ଶ୍ରୀ ରଘୁନାଥ ଜନସେବା ଟ୍ରଷ୍ଟ, ତରାବୋଇ ଜଟଣୀ ପକ୍ଷରୁ ଶକୁନ୍ତଳା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ ଘଣ୍ଟିକାରୁ ଆରମ୍ଭ ହୋଇଥିଲା ରକ୍ତଦାନ ଶିବିର କାର୍ଯ୍ୟକ୍ରମ । ରକ୍ତର ଘୋର ଅଭାବ ଯୋଗୁଁ ପ୍ରାୟତଃ ବହୁତ ଲୋକମାନେ ମୃତ୍ତୁ ବରଣ କରୁଛନ୍ତି, ଠିକ୍ ସମୟରେ ଲୋକମାନେ ଯେମିତି ରକ୍ତ ପାଇପାରିବେ ଯେମିତି ଆଉ ରକ୍ତର ଅଭାବ ରହିବ ନାହିଁ ସେଇଥିପାଇଁ ଶ୍ରୀ ରଘୁନାଥ ଜନସେବା ଟ୍ରଷ୍ଟ, ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଅନୁଷ୍ଠାନର ସଭ୍ୟ ସୁକାନ୍ତ ବିଶ୍ୱାଳ କହିଛନ୍ତି ଓ ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ବହୁ ଯୁବପିଢ଼ିଙ୍କ ସମେତ ସମାଜସେବୀ, ଛାତ୍ର ମାନେ ଯୋଗ ଦେଇଥିଲେ।

## ବାଲିପାଟଣାରେ ଯନ୍ତ୍ରଣା ବଢାଉଛି ଅଘୋଷିତ ବିଜୁଳି କାଟ୍!

ବାଲିପାଟଣା, (ମହାଭାରତ) : ଗୋଟିଏ ପଟେ ବର୍ଷା ଦିନେ ଆକାଶରୁ ଅଗ୍ନିବର୍ଷା, ଅନ୍ୟପଟେ ତୁହାକୁ ତୁହା ପାୱାର କଟ୍ ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ବାଲିପାଟଣା ଅଂଚଳ ସବୁଠୁ ଆସୁଛି ବିଦ୍ୟୁତକାଟର ବିକଳ ଚିତ୍ର । ସବୁଠି ଯନ୍ତ୍ରଣା ବଢାଉଛି ଅଘୋଷିତ ବିଜୁଳି କାଟ୍ । ସରକାରଙ୍କ ତରଫରୁ ବିଦ୍ୟୁତ କାଟ୍ ନକରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ବାଲିପାଟଣାରେ ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଘନ ଘନ ବିଜୁଳି କାଟ ଯୋଗୁଁ ସନ୍ତୁଳି ହେଉଛନ୍ତି ଅଞ୍ଚଳବାସୀ । ଯେତେ ଅଭିଯୋଗ କଲେ ମଧ ଅବସ୍ଥାରେ ସୁଧାର ନାହିଁ । ଥରେ କରେଣ୍ଟ ଗଲେ, କେତେବେଳେ ଆସିବ ତାହା ଜାଣିବା ମୁସ୍କିଲ । ବାରମ୍ବାର କାମ ବାହାନା ରେ ଘଣ୍ଟା ଘଣ୍ଟା ଧରି ଲାଇନ୍ କାଟିବା ସତେ ଯେମିତି ନୀତି ଦିନିଆ କଥା । ଅସହ୍ୟ ଗୁ ଳୁଗୁଳି ସାଙ୍ଗକୁ ତୁହାକୁ ତୁହା ବିଦ୍ୟୁତକାଟ ହେବା ଯୋଗୁଁ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି ଲୋକେ । ଏପରିକି ଦିନକୁ ୫-୬ ଘଣ୍ଟା ବିଜୁଳି କଟୁଥିବା ଅଭିଯୋଗ ମଧ ଆସୁଛି । ବାଲିପାଟଣା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ ଦାୟିତ୍ୱ ରେ ଥିବା ପ୍ରତାପ ନାମକ କର୍ମଚାରୀ ଲାଇନ୍ କଟିବା ସମୟରେ ଓ ଅନ୍ୟ ସମୟରେ ବି ଫୋନ ରିସିଭ୍ ନକରିବା ଆହୁରି ଦୁଃଖ ଓ ପରିତାପ୍ ର ବିଷୟ ।କିଛିଦିନ ହେବ ରାତିରେ ଘଂଟାଘଂଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ପରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଇଫକୋ ପାରାଦୀପ ୟୁନିଟ କୁ 'ଶ୍ରେଷ୍ଠ ମଦର ପ୍ଲାଣ୍ଟ ୨୦୨୫' ସମ୍ମାନ




ପାରାଦୀପ, (ମହାଭାରତ): ଭାରତୀୟ କୃଷକ ସାର ସମବାୟ ସଂଗଠନ (ଇଫକୋ) ପାରାଦୀପ ୟୁନିଟ କୁ ରାଜ୍ୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ସଂସ୍ଥା (ଏମଏସଏମଇ) ଦ୍ୱାରା 'ଶ୍ରେଷ୍ଠ ମଦର ପ୍ଲାଣ୍ଟ ୨କ୍ଟ୨୫' ପୁରସ୍କାରରେ ସମ୍ମାନିତ କରାଯାଇଛି । ଅଗଷ୍ଟ ୧୨ତାରିଖରେ ଏମଏସଏମଇ ର ୪୦ ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ସମ୍ମିଳନୀ ୨୦୨୫ ପାଳନ ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଓଡିଶା ସରକାରଙ୍କ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏହି ସମ୍ମାନ ପାଇଁ ରାଜ୍ୟ ଏମଏସଏମଇ ଏବଂ ଓଡିଶା ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ଏହି ପୁରସ୍କାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିପ୍ରତି ଇଫକୋର ପ୍ରତିବଦ୍ଧତା ଏବଂ ରାଜ୍ୟର ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଏମଏସଏମଇ ଗୁଡିକୁ ସୁଦୃଢ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏହା ଏକ ନିଦର୍ଶନ ବୋଲି କହିଛନ୍ତି ।

## ଜ୍ଞାନକୁ ସମାଜରେ ପ୍ରସାର କଲେ ହିଁ ଏହାର ସାର୍ଥକତା: ଉପମୁଖ୍ୟମନ୍ତ୍ରୀ




ବଡ଼ଚଣା, (ମହାଭାରତ): ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ଓ ସୁବର୍ଣ୍ଣଜୟନ୍ତୀ ଉତ୍ସବର ଉଦ୍ଘାଟନୀ ଅନୁଷ୍ଠାନ ଉତ୍ସାହମୟ ପରିବେଶରେ ଆୟୋଜିତ ହେଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଓ କୃଷି-ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଛାତ୍ରଛାତ୍ରୀଙ୍କୁ ଉଦ୍ବୋଧନ କରି କହିଲେ ଜ୍ଞାନକୁ ନିଜଭିତରେ ଆବଦ୍ଧ ରଖିଲେ ତାହାର ମୂଲ୍ୟ କମିଯାଏ; ସମାଜ ଓ ଅନ୍ୟଙ୍କ ପାଇଁ ପ୍ରସାର କଲେ ହିଁ ଏହା ସାର୍ଥକ ହୋଇଥାଏ।' ସେ ଆହୁରି କହିଲେ, ଆଜିର ଯୁବପିଢ଼ିକୁ ଦେଶ ଓ ରାଜ୍ୟର ଐତିହ୍ୟ, ପୌରାଣିକ କଥା, ପରମ୍ପରା ପ୍ରତି ସଚେତନ ହେବା ସହିତ ଜୀବନର 'ପାଞ୍ଚ ଧ'—ଧର୍ମ, ଧରିତ୍ରୀ, ଧୈର୍ଯ୍ୟ, ଧନ୍ଦା ଓ ଧନକୁ ଠିକ ପଥରେ ପରିଚାଳିତ କରିବା ଆବଶ୍ୟକ।୨୦୩୬ ସଲେ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କ ସମିଳିତ ପ୍ରୟାସ ଜାରି ରହିବା ଉଚିତ ବୋଲି ସେ ପରାମର୍ଶ ଦେଲେ।ମୁଖ୍ୟ ବକ୍ତା ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା ଯାଜପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ଉଲ୍ଲେଖ କରିଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଶିକ୍ଷା ବ୍ୟବସ୍ଥା ସୁଦୃଢ କରିବା ସହିତ ବଡ଼ଚଣା ବ୍ଲକ୍‌ରେ ଥିବା ୪ଟି କଲେଜର ଭିତ୍ତିଭୂମି ବିକାଶ ପାଇଁ ୮ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ ଘୋଷଣା କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଡକ୍ଟର କୃଷ୍ଣଚନ୍ଦ୍ର ଶତପଥୀ, ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ନାୟକ, ପୁରାତନ ଛାତ୍ର ସଂସଦ ସଭାପତି ପବିତ୍ର ମୋହନ ମାହାଲା ଉପସ୍ଥିତ ଥିଲେ।ଅନୁଷ୍ଠାନରେ ସୁବର୍ଣ୍ଣଜୟନ୍ତୀ ଗୃହ, ଖେଳ ପଡ଼ିଆ, ଦର୍ଶକ ଗ୍ୟାଲେରୀ ଓ ଦ୍ୱିତୀୟ ଛାତ୍ରାନିବାସର ଶିଳାନ୍ୟାସ କରାଗଲା। ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ଦେଇଥିଲେ, ଯେତେବେଳେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଦେବରାଜ ବେହେରା ବାର୍ଷିକ ବିବରଣୀ ପାଠ କଲେ।ଗତ ବାର୍ଷିକେ ପରୀକ୍ଷାରେ ଶ୍ରେଷ୍ଠ ସ୍ନାତକମାନଙ୍କୁ ପୁରସ୍କାର ପ୍ରଦାନ କରାଗଲା। ଅନୁଷ୍ଠାନରେ ସ୍ୱାଗତ ସଙ୍ଗୀତ, ବନ୍ଦେ ଉତ୍କଳ ଜନନୀ ଗାନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଅଧ୍ୟାପକ ପି.ସି. ମଲ୍ଲିକ ଧନ୍ୟବାଦ ଜଣାଇଲେ।

# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା




## ଅଦମ୍ୟ କ୍ଷୁଦ୍ର ଚଳଚ୍ଚିତ୍ରକୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର



ହିଞ୍ଜିଳିକାଟୁ(ମହାଭାରତ)ଗଞ୍ଜାମ ଲୋକକଳାକୁ ନେଇ ଆଧାରିତ ଅଦମ୍ୟ ଚଳଚ୍ଚିତ୍ର ଆଜି ଜାତୀୟ ସ୍ତରୀୟ ଚଳଚ୍ଚିତ୍ର ମହୋତ୍ସବ ର୍ନିମଲ୍ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭବେ ପୁରସ୍କୃତ ବଲିଉଡ୍ ଜଗତର ସୁନାମଧନ୍ୟ କଳାକାର ର୍ନିମଲ ପାଣ୍ଡେ ଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ଏହି ମହୋତ୍ସବଟି ଆୟୋଜନ ହୋଇଥିଲା। ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ଏହା ଅୟୋଜନ ହୋଇ ଆସୁ ଅଛି। ପ୍ରଥମ ଥର କରି ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟୁଡ୍ ଅଫ୍ ଓଡ଼ିଶା କଟକ ଠାରେ ଅୟୋଜନ ହୋଇଥିଲା। ଏଥିରେ ବଲିଉଡ୍ ଓ ଅଲିଉଡ୍ ର ନାମୀଦାମୀ କଳାକାର ଓ ଟେକ୍ନିସୀୟାନ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଦମ୍ୟ ଚଳଚ୍ଚିତ୍ର ଏକ ନିଆରା ପ୍ରଶଂସା ସାଉଁଟି ପାରିଥିଲା। ଏହି ଚଳଚ୍ଚିତ୍ର ପ୍ରାୟ ୫ଟି ବର୍ଗରେ ପୁରସ୍କୃତ ହୋଇଥିଲା। ଯଥା - ଶ୍ରେଷ୍ଠ ନିର୍ଦ୍ଦେଶକ କ୍ରିଷ୍ଣା ଡିକେ, ଶ୍ରେଷ୍ଠ ଅଭିନେତ୍ରୀ ସଞ୍ଜିତା ପାତ୍ର, ଶ୍ରେଷ୍ଠ ମ୍ୟୁଜିକ୍ - ଅଭିଷେକ ମହାରଣା ଏଂ ଡ଼ିକେ, ଶ୍ରେଷ୍ଠ ଚିତ୍ରଉତ୍ତୋଳନ ଭବେ ରଞ୍ଜିତ କୁମାର୍ ରଥ ବଲିଉଡ୍ ର ନାମୀଦାମୀ କଳାକାର ଗୋବିନ୍ଦ ନାମଦେବଙ୍କ ଦ୍ଵାରା ପୁରସ୍କୃତ ହୋଇଥିଲେ। ଅଦମ୍ୟ ଚଳଚ୍ଚିତ୍ର ର କାହାଣୀ ସୀମାଞ୍ଚଳ ମହାରଣା ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା କ୍ରିଷ୍ଣା ଡିକେ ଦେଇଥିଲେ। ଅଦମ୍ୟର ଚଳଚ୍ଚିତ୍ର ରେ ମୁଖ୍ୟ ଭୂମିକାରେ ବିବେକ କୁମାର୍ ଡାକୁଆ, ପ୍ରୀତି ରଞ୍ଜନ ପ୍ରଧାନ, ସଞ୍ଜିତା, କାଜଲ, ସୁଇଟି, ଶୁଭମ୍, ଖିରସିନ୍ଧୁ ମହାନ୍ତି, ଗୁରୁଶ୍ରୀ ନାରାୟଣ ମହାରଣା, ମଧୁସୂଦନ ମିଶ୍ର, ସପନ କୁମାର୍ ସେଠୀ, ଗୀତାଞ୍ଜଳି ସାମନ୍ତରାୟ ଏଂ ବରିଷ୍ଠ ଅଭିନେତା ଜୟ ପ୍ରକାଶ ଦାସ ପ୍ରମୁଖ ବ୍ୟକ୍ତି ବିଶେଷ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ର ଟି ଆଜି ଗଞ୍ଜାମ ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବର କଥାୟ ଏହି ଫେଷ୍ଟିଭାଲ ର ନିର୍ଦ୍ଦେଶକ ଅନିଲ୍ ଦୁବେ ରହିଥିବା ବେଳେ ଓଡ଼ିଶାର ପରିଚାଳନା ର ମୁଖ୍ୟ ଚନ୍ଦ୍ର ଶେଖର ରଥ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ଭଳି ସଫଳତା ପାଇଁ ଅଦମ୍ୟ କୁ ସବୁଆଡୁ ପ୍ରଶଂସା ର ସୁଅ ଛୁଟୁଛି। ଯାହାକି ନୃତ୍ୟମ୍ ହିଞ୍ଜିଳିକାଟୁ ଏକ ନୂଆ ପରିଚୟ ସୃଷ୍ଟି କରି ପାରିଛି।

## ସ୍କୁଲ ଯିବାକୁ ତିନି,ଚାରି କିମି ଚାଲୁଛନ୍ତି ଛାତ୍ରଛାତ୍ରୀ, ସରକାରୀ ବସ୍ ସେବା ପାଇଁ ଅନୁରୋଧ




ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ୩୨୬ ନଂ ଜାତୀୟ ରାଜପଥ ଠାରୁ ପ୍ରାୟ ତିନି, ଚାରି କିମି ଦୂରରେ ରହିଥିବାରୁ ଯାତାୟତ ଲାଗି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନାହିଁ ନଥିବା ସମସ୍ୟା ଦେଖିବାକୁ ମିଳିଛି। ଯାହାଫଳରେ ଏହି ସ୍କୁଲରେ ପାଠପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଦୈନିକ ତିନି, ଚାରି କିମି ରାସ୍ତା ଚାଲି ଚାଲି ସ୍କୁଲରେ ପହଞ୍ଚୁଥିବାରୁ ପାଠପଢା ଅପେକ୍ଷା ଯାତାୟତ ଏହି ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ସୁଚନା ଅନୁଯାୟୀ ଏହି ସ୍କୁଲକୁ ଯିବା ଲାଗି ମାଲକାନଗିରି ଜିଲ୍ଲା ଠାରୁ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ନିକଟସ୍ଥ ପୁଷ୍ପୁଗୁଡା ଗ୍ରାମଛକ ଠାରୁ ସ୍କୁଲ ପର୍ଯ୍ୟନ୍ତ ପ୍ରାୟ ଚାରି,ପାଞ୍ଚ କିମି ଦୂର ରାସ୍ତା ଯିବାକୁ ପଡେ। ଏହି ରାସ୍ତା ଦେଇ କୌଣସି ଚାରି ଚକିଆ ଯାନବାହନ ଯାତାୟତ କରୁନଥିବାରୁ ମୋଟର ସାଇକେଲ କିମ୍ବା ପାଦରେ ଚାଲି ଚାଲି ଲୋକେ ଯାତାୟତ କରନ୍ତି । ସେଥିପାଇଁ ଏହି ସ୍କୁଲରେ ପଢୁଥିବା ପ୍ରାୟ ୨ ଶହ ୮୦ ରୁ ଉର୍ଦ୍ଧ୍ଵ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ଦେଢ଼ଶହ ଛାତ୍ରଛାତ୍ରୀ ଦୈନିକ ଆଖପାଖ ଗ୍ରାମରୁ ପାଦରେ ଚାଲି ଚାଲି ଆସୁଥିବା ବେଳେ ବଳକା ଶହେରୁ ଉର୍ଦ୍ଧ୍ଵ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋ ଯୋଗେ ପୁଷ୍ପୁଗୁଡା ଗ୍ରାମ ଛକକୁ ବସ୍ ଯୋଗେ ଆସି ସେଠାରୁ ସ୍କୁଲକୁ ପାଦରେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଛି। ଯାହାଫଳରେ ପାଠ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଦୈନିକ ପ୍ରାୟ ଚାରି କିମି ପାଦରେ ଚାଲିଚାଲି ଯିବା ପରେ ଏହି ସ୍କୁଲରେ ପହଂଚି ଥାଆନ୍ତି ।ଅନ୍ୟପଟେ ସରକାରଙ୍କ ପକ୍ଷ୍ୟରୁ ମୁଖ୍ୟ ମନ୍ତ୍ରୀଙ୍କ ବସସେବା ଯୋଗେ ଗୋଟିଏ ବସ୍ କାଲିମେଳା ରୁ ପୁଷ୍ପୁଗୁଡା ହୋଇ ମୋଟୁ ଯାଉଥିବା ବେଳେ ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଏହି ବସ୍ ଯୋଗେ ଯାତାୟାତ କରନ୍ତି । ତେଣୁ ଏହି ବସଟି ମୁଖ୍ୟ ରାସ୍ତାରୁ ସ୍କୁଲ ପର୍ଯ୍ୟନ୍ତ ଅତିରିକ୍ତ ଯାତାୟତ କଲେ ସ୍କୁଲର ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ଲୋକ ବି ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଜନ ପ୍ରତିନିଧି ଓ ନେତୃବୃନ୍ଦ ବାରମ୍ଵାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ଦୃଷ୍ଟି ଦେଉନଥିବା କହିଛନ୍ତି । ଏହି ବାବଦରେ କାଲିମେଳା ବିଡିଓ ପ୍ରଦୀପ କୁମାର କରଙ୍କ ସହ ଆଲୋଚନା କରିବାରୁ ସେ ମୁଖ୍ୟମନ୍ତ୍ରୀ ବସ ସେବାର ରୁଟ ସେହି ରାସ୍ତା ଦେଇ ନଥିବାରୁ ଯାତାୟତ କରୁନଥିବା କହିବା ସହ ଛାତ୍ରଛାତ୍ରୀମାନଙ୍କ ସୁବିଧା ନିମନ୍ତେ ଉକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ବସ୍ ଚଳାଚଳ ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଅନ୍ୟପଟେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଯାତାୟତ ସହ ଉରୁବେଲି ଓ ଆଖପାଖ ଗ୍ରାମ ଗୁଡିକୁ ରାଜପଥ ସହ ଯୋଡ଼ିବା ପାଇଁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ବସ୍ ସେବା ବ୍ୟବସ୍ଥା କରିବାକୁ ପୁଷ୍ପୁଗୁଡା ପଞ୍ଚାୟତର ପୂର୍ବତନ ସରପ□ ରାମା ରାବା, ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବୀ କରିଛନ୍ତି।

## କୋରେଇ ବିଜେପିର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ଯାଜପୁର /ବ୍ୟାସନଗର ,(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ କୋରେଇ ବିଜେପି ପକ୍ଷରୁ ବ୍ରାହ୍ମଣୀଦେବୀ ଜୋନ ସଭାପତି ରାକେଶ କୁମାର ଜେନା ଙ୍କ ସଂଯୋଜନା ରେ ସୋମବାର ହରଘର ତ୍ରିରଙ୍ଗା ଓ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ରଗଡି ସ୍ଥିତ ଜିଲ୍ଲା ସରକାରୀ ପଲିଟେକନିକ କଲେଜ ନିକଟରୁ ପଦଯାତ୍ରା ବାହାରି ମା' କମୁଡ଼େଇ ପୀଠ ପର୍ଯ୍ୟନ୍ତ ଯାଇଥିଲା ସେଠାରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ରେ ବିଧାୟକ ଶ୍ରୀ ଦାସ ନାୟକ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ପିନାକୀ ରଞ୍ଜନ ଦାସ, ଯୁବ ନେତା ପ୍ରୀତି ରଞ୍ଜନ ସାହୁ, ଆଇନଜୀବି ଧନେଶ୍ଵର ବାରିକ, ପ୍ରକାଶ ଧଳ, ପ୍ରମୋଦ କୁମାର ସାହୁ,ନାରୀ ନେତ୍ରୀ ଦିପ୍ତିମୟୀ କୁଅଁର, ତଳଗଡ଼ ପଞ୍ଚାୟତ ବିଜେପି ସଭାପତି ଗୋପାଳ ଚରଣ ସାହୁ, ଯୁବ ସଭାପତି ସନ୍ତୋଷ କୁମାର ସ୍ୱାଇଁ, ବ୍ରଜ ଦାସ, ପପିନା ମିଶ୍ର,ହେମନ୍ତ କୁମାର ମଲ୍ଲିକ, ବସନ୍ତ କର, ସରପ□ ରଞ୍ଜନ କୁମାର ଦାସ, ଗୀତାଞ୍ଜଳି ସେଠି, ସାରଙ୍ଗ ଧର ପ୍ରଧାନ ଓ ସତ୍ୟାନନ୍ଦ ମହାପାତ୍ର, ପୂର୍ବତନ ସରପ□ ରୁନୁ ଭୂୟାଁ,ସମିତି ସଭ୍ୟ ଉଦୟ ନାଥ ନାୟକ, ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ବାରିକ ଓ କୁଳମଣି ଦାସ, ଦିଲ୍ଲୀପ କୁମାର ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସାହୁଓ ପ୍ରଦୀପ ରାଉତ ଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ।

## ବାରକୋଟ:ସ ଇ ଡ଼ା ରେ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ଦେବଗଡ଼:(ମହା ଭାରତ): ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ସ ଇ ଡୟ ଗ୍ରାମରେ ସ୍ୱର୍ଗତ ଜଗବନ୍ଧୁ ପ୍ରଧାନ(ଆର୍ବିଭାବ ୧୯୪୨,ତିରୋଧାନ୨୦୨୪) ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।ଏହି ଟୁର୍ଣ୍ଣାମେଣ୍ଟରେ ଆଠ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଶୁଭ ଉଦ୍ଘାଟନୀ ମ୍ୟାଚ୍,ସ ଇ ଡୟ ଏବଂ ଖଜୁରୀଖମନ୍ ଖେଳାଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶୁଭ ଉଦଘାଟକ ଗଣେଶ୍ୱର ପ୍ରଧାନ(ଅବସରପ୍ରାପ୍ତ, ଅଧକ୍ଷ+୨ପଞ୍ଚାୟତ ମହା ବିଦ୍ୟାଳୟ କଲା)ଥିବାବେଳେ,ଅନ୍ତିମ ମ୍ୟାଚ୍ ରେ ସୁରେଶ ଚନ୍ଦ୍ର ପ୍ରଧାନ(ଦେବଗଡ଼ ଜିଲ୍ଲା ର ଜଣା ଶୁଣା,ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ) ମୁଖ୍ୟ ବକ୍ତା, ବିଷ୍ଣୁ ଚରଣ ନାୟକ,ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ସାହୁ,ଘାସି ରାମ ପ୍ରଧାନ,ବିନୋଦ ବିହାରୀ ବେହେରା ଉପସ୍ଥିତ ଥିଲେ ।ଅନ୍ତିମ ମ୍ୟାଚ୍‌ରେ ବାଲିରୋଇ ଦଳ ୧-୦ ଗୋଲ ରେ ରାହୁଲ ବ୍ରଦର୍ସକୁ ପରାଜିତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଭାଷା କାର ଫକୀର ମୋହନ ଦଳବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ବିପିନ୍ ପାତ୍ର, କ୍ରୀଷ୍ଣା ନାଏକ,ମହେଶ୍ୱର ବେହେରା, ରାଜା ବାବୁ , ଜଗା ଖେଳ ପରିଚାଳନା କରିଥିଲେ।ଅତିଥି ମହୋଦୟ କୃତି ପ୍ରତିଭା ସହିତ ଦୁଇ ଦଳ କୁ ଟ୍ରଫି ସହିତ ଅର୍ଥ ରାଶି ପ୍ରଦାନ କରିଥିଲେ । ସର୍ବଶେଷରେ ସ୍ୱର୍ଗତ ପ୍ରଧାନ ଙ୍କ ଜ୍ୟେଷ୍ଠ ପୁତ୍ର ହୃଷୀକେଶ ପ୍ରଧାନ ଧନ୍ୟବାଦ ଅର୍ପଣ ସହିତ ସଭା ସାଙ୍ଗ କରିଥିଲେ।ଏଥିରେ ପ୍ରଧାନ ପରିବାର ବର୍ଗ,ଜ୍ଞାତି କୁଟୁମ୍ବ,ଏବଂ ସ ଇ ଡୟ ଗ୍ରାମର ସେ୍ୱଚ୍ଛା ସେବୀ ଗଣ ସହଯୋଗ ସ୍ଥାପନ କରିଥିଲେ।

## ଓବିସିକୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ଦେବାକୁ ଅନୁରୋଧ କରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର



ଅନୁଗୋଳ (ମହାଭାରତ):ଓଡ଼ିଶା ଭଳି ଏକ ରାଜ୍ୟରେ ଯେଉଁଠି ଷାଠିଏ ପ୍ରତିଶତ ରୁ ଅଧିକ ଜନସଂଖ୍ୟା ଥିବା ବର୍ଗ ଭାବରେ ଓବିସି ଥିବା ବେଳେ ସେମାନଙ୍କୁ ଏସ.ଇ.ବି.ସି ଙ୍କ ସହିତ ମିଶ୍ରଣ କରି ସଂରକ୍ଷଣ କୁ ରାଜ୍ୟ ଓବିସି ମୋର୍ଚ୍ଚା ବିରୋଧ କରିବା ସହିତ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସଂରକ୍ଷଣ ପ୍ରଦାନ ଦାବି କରିଛନ୍ତି । ରାଜ୍ୟ ଓବିସି ମୋର୍ଚ୍ଚା ତରଫରୁ ଲୋକଙ୍କ ମତାମତ ସଂଗ୍ରହ କରାଯିବା ସହିତ ପ୍ରତ୍ୟେକ ଜିଲ୍ଲାପାଳ ଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଉଛି , ଏଯାବତ ରାଜ୍ୟରେ ୧୦ ଟି ଜିଲ୍ଲା ରେ ଏହି ଭଳି କାର୍ଯ୍ୟ କରାଯାଇଥିବା ବେଳେ ଆଗାମୀ ଦିନରେ ବଳକା ୨୦ ଟି ଜିଲ୍ଲା ର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ରାଜ୍ୟ ସରକାର ଯେଉଁ ଭଳି ଭାବରେ ଏସ.ଇ.ବି.ସି ସହିତ ଓବିସି କୁ ସଂଯୋଗିକରଣ କରି ରାଜ୍ୟରେ ଚଳିତ ବର୍ଷ ଠାରୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ର ବ୍ୟବସ୍ଥା କରୁଛନ୍ତି ଏହାକୁ ମୋର୍ଚ୍ଚା ପକ୍ଷରୁ ସ୍ୱାଗତ କରାଯାଇଥିଲେ ମଧ ଏହି ଏସ.ଇ.ବି.ସି ବର୍ଗ ରେ ୧୦ ରୁ ଅଧିକ ଅଣ ଓବିସି ଜାତି ରହୁଥିବାରୁ ଏହାକୁ ବିରୋଧ କରାଯିବା ସହିତ ସେମାନେ ଓବିସି ପାଇବାକୁ ଥିବା ସଂରକ୍ଷଣ ରୁ ଅଧିକ ଫାଇଦା ନେଉଥିବା ରାଜ୍ୟ ଓବିସି ମୋର୍ଚ୍ଚା ଅଭିଯୋଗ କରିଛି। ଯାହା ଫଳରେ ରାଜ୍ୟରେ ସମସ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଶିକ୍ଷା , ଚାକିରି କ୍ଷେତ୍ରରେ ଓବିସି ଆଶାୟୀ ମାନେ ନିଜର ହକ ପାଇ ପାରୁନାହାଁନ୍ତିୟ ତେବେ ଯଥା ଶୀଘ୍ର ରାଜ୍ୟରେ ଜାତି ଭିତ୍ତିକ ଜନ ଗଣନା କରାଯାଇ ରାଜ୍ୟରେ ଅଧିକ ସଂଖ୍ୟାରେ ଥିବା ଏହି ଓବିସି ବର୍ଗ ର ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି ।

## ଜିଲ୍ଲା ପୋଲିସ ପକ୍ଷ ରୁ ମହିଳା ସଚେତନତା କାର୍ଯ୍ୟକ୍ରମ

ପାଟଣା:-(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଜିଲ୍ଲା ପୋଲିସ ପକ୍ଷରୁ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କୁ ପାଟଣା ମହାବିଦ୍ୟାଳୟ ଅଧକ୍ଷ ବିରେନ୍ଦ୍ର କୁମାର ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ଘଟଗାଁ ଏଡିପିଓ ବିଜୟକୃଷ୍ଣ ମହାପାତ୍ର,ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଲ ଉପସ୍ଥିତ ହୋଇ ମହିଳା,ଛାତ୍ରୀ ମାନଙ୍କ ପ୍ରତି ଘଟୁଥିବା ର୍ନିଯାତନା,ଶୋଷଣ,ର୍ନିଯାତନା ଘଟଣା କୁ କିପରି ର ଆଇନ ର ଆଶ୍ରୟ ନେଇ ରୋକା ଯାଇପାରିବ ତାଉପରେ ମାର୍ଗଦର୍ଶନ ସହ ସଚେତନତା ଅଭିଭାଷଣ ରଖିଛନ୍ତି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ,କଲେଜ ଓଡ଼ିଆ ଅଧାପକ ଜଗଓାଥ ମହାନ୍ତ,କ୍ରୀଡା ଶିକ୍ଷକ ତଥା ଲେଫ୍ ଲାଣ୍ଟେ ଧର୍ମେନ୍ଦ୍ର କୁମାର ସାହୁ ତଥା କଲେଜ ଅଧାପକ,ଅଧାପିକା ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପାଇଁ ପ୍ରେସକ୍ଲବର ଶେଷ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ(ମହାଭାରତ): ଆଗାମୀ ୭୯ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ର ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବଜାର ସ୍ଥିତ ବାବା ଗଣପତି ମନ୍ଦିର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ କୁ ସୁନ୍ଦର ଓ ନିଡ଼ାମ୍ବର ଭାବେ ପାଳନ କରାଯିବା ପାଇଁ ପ୍ରେସ୍ କ୍ଲବ୍ ସଭାପତି ଶରତ ପରିଡା ଙ୍କ ସଭାପତିତ୍ୱରେ ଉକ୍ତ ବୈଠକ ରେ ଆଲୋଚନା ହୋଇଥିଲା। ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀଜିଲ୍ଲା ଶାଖା ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବ ମିଳିତ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ପ୍ରଦାନ କରାଯିବା ଉପରେ ଉକ୍ତ ବୈଠକରେ ନିଶ୍ଚିତ ହୋଇଥିଲା। ଏହି ସମ୍ମାନ ଅସ୍ତରଙ୍ଗ ଓ କାକଟପୁରରେ ଚଳିତ ବର୍ଷ ଦଶମ, ଦ୍ୱାଦଶ ଓ ସ୍ନାତକରେ ଉତ୍ତୀର୍ଣ୍ଣ କୃତି ଛାତ୍ର ଛାତ୍ରୀ, ଡାକ୍ତର , ଇଂଜିନିୟର, ସମାଜସେବୀ, ଆଦର୍ଶ ଶିକ୍ଷକ, ପୂର୍ବତନ ଶିକ୍ଷକ, ଜିଲ୍ଲା ସ୍ତରରୁ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ।

## ଦଶ ଦଫା ଦାବିରେ ରାଜ୍ୟ ଅମଲା ସଂଘର ସାମୁହିକ ଛୁଟି ସହିତ ଶାନ୍ତିପୂର୍ଣ୍ଣ ଭାବେ ଧାରଣା

ଅନୁଗୋଳ (ମହାଭାରତ) :ଓଡ଼ିଶା ସରକାର ଅଧିନସ୍ଥ ସମସ୍ତ ଅମଲା ମାନେ ସେମାନଙ୍କ ର ୧୦ ଦଫା ଦାବି ପୂରଣ ପାଇଁ ଆଜି ଠାରୁ ଅର୍ନିଦ୍ଧିଷ୍ଟ ପର୍ଯ୍ୟନ୍ତ ସାମୁହିକ ଛୁଟି ରେ ରହିବା ସହିତ ଶାନ୍ତିପୂର୍ଣ୍ଣ ଗଣ ଧାରଣା ଦେଇଛନ୍ତି । ଏହି ଗଣ ଧାରଣାରେ ଅନୁଗୋଳ ଜିଲ୍ଲାର ସମସ୍ତ ଅମଲା ମାନେ ସାମିଲ ହେବା ସହିତ ଅନୁଗୋଳ ର ସମସ୍ତ ବ୍ଲକ୍ କାର୍ଯ୍ୟାଳୟ , ଚାରି ଟି ସବ୍ ଡିଭିଜନ ଓ ଜିଲ୍ଲା ମୁଖ୍ୟାଳୟ ରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନେ ନିଜ ନିଜର କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଛନ୍ତି। ଗତ ଜୁନ ମାସରେ ରାଜ୍ୟ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ଠାରେ ରାଜ୍ୟ ସରକାରଙ୍କ ସହିତ ୧୦ ଦଫା ଦାବି ପୂରଣ ପାଇଁ ଆଲୋଚନା ହୋଇଥିଲେ ମଧ ସରକାର ଏଯାବ୍ କୌଣସି ଦାବି କୁ ପୁରଣ କରିଲେ ନାହିଁ।ଅମଲା ମାନେ ଶୃଙ୍ଖଳିତ କର୍ମଚାରୀ ହୋଇଥିବାରୁ ପ୍ରଥମେ ନିଜର ଦାବି ଗୁଡ଼ିକ ପୁରଣ ପାଇଁ କଳା ବ୍ୟାଚ ପରିଧାନ କରାଯାଇଥିଲେ ମଧ କୌଣସି ସଫଳ ନହେବାରୁ ଆଜି ଠାରୁ ରାଜ୍ୟ ଅମଲା ସଂଘ ର ନିର୍ଦ୍ଦେଶ କ୍ରମେ ସମସ୍ତେ କର୍ମଚାରୀ ସାମୁହିକ ଛୁଟି ରେ ଯାଇଛନ୍ତି । ସେମାନେ ମୁଖ୍ୟତଃ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓ. ଆର.ଏସ୍.ପି. ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ୍ ୯କୁ ବୃଦ୍ଧି କରାଯିବାକୁ ଦାବି କରିଥିବା ବେଳେ , ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ କରାଯାଉ। କନିଷ୍ଠ ରାଜସ୍ବ ଅମଲା ମାନଙ୍କର ବାସସ୍ଥାନ ଅବଧି ୬ ବର୍ଷ ଯାଗାରେ ୪ ବର୍ଷ କରାଯାଉ। ରାଜସ୍ବ ସହାୟକ ଏବଂ ଏ. ଏସ୍.ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏ.ଏସ୍.ଓ ରଖାଯାଉ , କନିଷ୍ଠ ରାଜସ୍ ସହାୟକ ରଖାଯାଇ ଏ.ଏସ୍ ଓ ପଦବୀକୁ ପଦୋନ୍ନତି ଦିଆଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ।

## ପୋଲିସ ପେଟ୍ରୋଲିଂ ସମୟରେ ସ୍କର୍ପିଓ ଗାଡିରୁ ୪ ଟି ଗୋରୁ ଉଦ୍ଧାର , ଗାଡି ଜବତ



କରଞ୍ଜିଆ,(ମହାଭାରତ) ଆଜି ଭୋର ସକାଳୁ ପୋଲିସ ପେଟ୍ରୋଲିଂ ସମୟରେ ଏକ ସ୍କୋର୍ପିଓ ଗାଡିରୁ ୪ ଟି ଗୋରୁ ଉଦ୍ଧାର , ଗାଡି ଜବତ । ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ଠାକୁରମୁଣ୍ଡା - କର□ଜିଆ ରାସ୍ତା ଚମକପୁର ବାଙ୍କ ନିକଟରେ ଆଜି ସକାଳୁ ସକାଳୁ ରାସ୍ତା ରେ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଏଥିରେ ୪ ଟି ଗୋରୁ କୁ ଠାକୁରମୁଣ୍ଡା ଥାନା ପୋଲିସ ଉଦ୍ଧାର କରି ସୋର୍ପିଓ ଗାଡିକୁ ଜବତ କରିଛି ।ଗୋ ଚାଲାଣ କାରୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ବଳଦ ଏବଂ ସ୍କ୍ରିପିଓ ଜବତ କରି ଅଧିକ ତଦନ୍ତ କରୁଛି ପୋଲିସ। ଆଜି ସକାଳ ସମୟରେ ଠାକୁରମୁଣ୍ଡା ଠାରୁ ୨ କିମି ଦୂର ଚମକପୁର ନିକଟରେ ରାସ୍ତା କଡରେ ଜେ ଏଚ ୦୫ ଏଜି ୯୩୯୦ ନମ୍ବର ବିଶିଷ୍ଟ ଏକ ବ୍ରାଉନ ରଙ୍ଗ ର ସ୍କର୍ପିଓ ଗାଡି ଛିଡା ହୋଇ ଥିଲା ।ଏହି ଗାଡି ଭିତରେ ୪ ଟି ଗୋରୁ ବୋଝେଇ ହୋଇ ଥିବା ବେଳେ ଏହାର ଡ୍ରାଇଭର କି ଅନ୍ୟ କେହି ଗାଡି ନିକଟରେ ନଥିଲେ ।ଗୋରୁ ବୋଝେଇ ଗାଡିକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଠାକୁରମୁଣ୍ଡା ଥାନା ପୋଲିସ ଗାଡିରୁ ବଳଦଉଧାର କରିବା ପରେ ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସକଙ୍କ ଦ୍ଵାରା ଚିକିତ୍ସା କରିଥିଲେ। ପରେ ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ ଘଟଣାସ୍ଥଳରୁ ସୋର୍ପିଓ ଗାଡ଼ିକୁ ଜବତ କରିବା ସହିତ କେଉଁ ଅଞ୍ଚଳ କୁ ଗୋ ଚାଲାଣ ହେଉଥିଲା ସେ ନେଇ ତଦନ୍ତ ଆରମ୍ଭ କରିଛି ପୋଲିସ। ଗୋରୁ ଗୁଡ଼ିକ ସ୍ୱାସ୍ଥ୍ୟ ଅବସ୍ଥା ଠିକ ହେଲାପରେ ଗୋଶାଳା କୁ ପଠାଯିବ ବୋଲି ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପ୍ରକାଶ କରିଥିଲେ।

## ବାଣୀଗୋଛା ବନାଞ୍ଚଳରେ ପାଳିତ ହେଲା ବିଶ୍ୱ ହସ୍ତୀ ଦିବସ

ଦଶପଲ୍ଲା (ମହାଭାରତ): ଜନସାଧାରଣ ହାତୀଙ୍କ ସୁରକ୍ଷା ପାଇଁ ସଚେତନ ଓ ସତର୍କ କରିବା ନିମନ୍ତେ ବାଣୀଗୋଛା ପଶ୍ଚିମ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସଂସାର ବର୍ଗୀଆଙ୍କ ନେତୃତ୍ୱରେ ଆଜି ବିଶ୍ ହସ୍ତୀ ଦିବସ ବାଣୀଗୋଛା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରାପ୍ତ ସମୟରେ ସ୍କୁଲ ଛାତ୍ରଛାତ୍ରୀ ମାନେ ହାତରେ ପ୍ଲାକାର୍ଡ଼ ଧରି ହାତୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବାଣୀଗୋଛା ଗ୍ରାମ ପରିକ୍ରମା କରି ହସ୍ତି ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ । ଜଙ୍ଗଲ ଅବକ୍ଷୟ ,ଖଣିଖାଦାନ , ଶିଳ୍ପ ,କାରଖାନା , ହାତୀ କରିଡ଼ର ଅଞ୍ଚଳରେ ବିଦ୍ୟୁତ ସଂଯୋଗ , ହାତୀ ଶୀକାର ଓ ହାତୀମାନଙ୍କର ବାସସ୍ଥଳୀ ଅଭାବରୁ ହାତୀମାନଙ୍କ ବଂଶ ହ୍ରାସ ପାଇବାରେ ଲାଗିଛି । ହାତୀମାନଙ୍କର ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ୨୦୧୨ ମସିହାଠାରୁ ଅଗଷ୍ଟ ୧୨ ତାରିଖକୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଉଛି ୟ ଉକ୍ତ କାର୍ଯ୍ୟକ୍ରମରେ ବାଣୀଗୋଛା ବନାଞ୍ଚଳ ଅଧିକାରୀ ସଂସାର ବର୍ଗୀଆ ଯୋଗ ଦେଇଥିବା ବେଳେ, ବନପାଳ ରାଜ୍ କୁମାର ସତପଥି , ଦୀପ୍ତିରଂଜନ ଆଚାର୍ଯ୍ୟ, ଅଜୟ କୁମାର ସ୍ୱାଇଁ ,ପୁଷ୍ପଲତା ପ୍ରଧାନ , ଗୋଲକ ବେହେରା , ବନରକ୍ଷୀ ମଧୁସ୍ମିତା ନାୟକ ,ରୀନା ନାୟକ ସମେତ ଫରେଷ୍ଟ ସେକସନ୍ ର ସମସ୍ତ, ଓ୍ୱାଚର୍ , ଶୀକାର ନିରୋଧି ବନ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଆସିକାର ସାହିବସ୍ତି ପାଲଟିଛି ବୁଲା କୁକୁରଙ୍କ ବାସସ୍ଥାନ



ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରଭୁକ୍ତ ଅଞ୍ଚଳରେ ଗତ କିଛି ଦିନ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ପ୍ରାତଃ ଭ୍ରମଣରେ ଯାଉଥିବା ନାଗରିକ ମାନଙ୍କୁ ପଲପଲ ହୋଇ ବୁଲୁଥିବା ବୁଲା କୁକୁରଙ୍କ ଭୟ ଘାରୁଥିବା ଲକ୍ଷ୍ୟ କରାଯାଇଛି। କିଏ କେତେବେଳେ ବୁଲାକୁକୁରଙ୍କ କାମୁଡାର ଶିକାର ହେବ ତାହା କହି ହେବ ନାହିଁ। ମାଳମାଳ ହୋଇ ବୁଲାକୁକୁର ବୁଲୁଥିବା ବେଳେ ଭୋର ସମୟରେ ଲୋକଙ୍କୁ ଦେଖୁଲେ ଭୁକିବା ସହ ଲୋକଙ୍କ ପାଖକୁ ଦୌଡି ଆସୁଥିବା ଦେଖୁବାକୁ ମିଳୁଛି ଏପରିକି ବିଭିନ୍ନ ସମୟରେ ବୁଲା କୁକୁର ମାନେ ମୁଖ୍ୟ ରାସ୍ତାକୁ ଅବରୋଧ କରି ରଖୁଥିବା ଯୋଗୁଁ ବିଭିନ୍ନ ଦୁର୍ଘଟଣାର ସମ୍ମୁଖୀନ ମଧ୍ୟ ହେଉଛନ୍ତ।ସାହିବସ୍ତି ଗୁଡିକରେ ବିଭିନ୍ନ ସମୟରେ ପିଲାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ମାନେ ମଧ୍ୟ କୁକୁର କାମୁଡାର ଶିକାର ହେଉଥିବା ଅଭିଯୋଗ ହେଉଛି ବୁଲା କୁକୁରଙ୍କ ସଂଖ୍ୟା ସାହିବସ୍ତି ଗୁଡିକରେ ଦିନକୁ ଦିନ ବଢି ବଢି ଚାଲିଥିଲେ ମଧ ଏ ନିୟନ୍ତ୍ରଣ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ଦାବୀ ହେଉଥିବା ନଜର କୁ ଆସୁଛି। ସାହିବସ୍ତି ଗୁଡିକରେ ଦଳଦଳ ହୋଇ ବୁଲା କୁକୁର ବୁଲୁଥିବା ଯୋଗୁଁ ବହୁ ଅଭିଭାବକ ସେମାନଙ୍କ ସନ୍ତାନ ସନ୍ତତିଙ୍କୁ କୁକୁର କାମୁଡିବା ଭୟରେ ଘରୁ ବାହାରକୁ ଛାଡିବାକୁ ନିରାପଦ ମଣୁନଥିବା ଦେଖୁବାକୁ ମିଳୁଛି ରାତ୍ରରେ ବାଇକରେ ଯିବା ବେଳେ ହେଉ ବା ଚାଲିଚାଲି ଯିବା ବେଳେ ହେଉ ବୁଲା କୁକର ଗୋଡାଉଛନ୍ତି ଆଉ ବେଳେ ବେଳେ ବାଇକ୍ ଭିତରକୁ ପଶି ଆସିବା ଫଳରେ ଦୁର୍ଘଟଣା ମଧ୍ୟ ଘଟୁଛି ଯାହାରି ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ବୁଲାକୁକୁରଙ୍କ ଉପଦ୍ରବରୁ ଆସିକା ସହରବାସୀଙ୍କୁ ରକ୍ଷା କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢଦାବୀ ହେଉଥୁବା ଲକ୍ଷ୍ୟ କରାଯାଇଛି ।

## ଆମେରିକାରେ ୨ ବିମାନ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଆମେରିକା : ଆମେରିକାରେ ବିମାନ ଦୁର୍ଘଟଣା ଘଟିଛି । ୨ଟି ବିମାନ ଧକ୍କା ହେବା ଫଳରେ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣା ଆମେରିକାର ମୋଟାନା ସ୍ଥିତ କାଲିସ୍ପେଲ୍ ସିଟିର ବିମାନ ବନ୍ଦର ନିକଟରେ ହୋଇଥିବା ଜଣାପଡିଛି । ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । କିନ୍ତୁ ଏହି ଦୁର୍ଘଟଣାରେ କେହି ଗୁରୁତର ଆହତ ହୋଇ ନାହାଁନ୍ତି । ସୂଚନାନୁଯାୟୀ, ଏକ ଛୋଟ ସିଙ୍ଗଲ-ଇଞ୍ଜିନ୍ ବିମାନ କାଲିସ୍ପେଲ୍ ସିଟିର ବିମାନବନ୍ଦରରେ ପ୍ରାୟ ଅପରାହ୍ନ ୨ଟା ସମୟରେ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରୁଥିଲା । ସେହି ସମୟରେ ବିମାନବନ୍ଦରରେ ଠିଆ ହୋଇଥିବା ଆଉ ଏକ ବିମାନକୁ ଧକ୍କା ଦେଇଥିଲା । ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । କିନ୍ତୁ ପାଇଲଟଙ୍କ ସମେତ ୩ଜଣ ଯାତ୍ରୀ ବଞ୍ଚିବା ପାଇଁ ବାହାରକୁ ବାହାରି ଆସିଥିଲେ । ସେହି ବିମାନରେ ଯାତ୍ରା କରୁଥିବା ୨ଜଣ ଯାତ୍ରୀ ସାମାନ୍ୟ ଆତ ହୋଇଥିଲେ । ତୁରନ୍ତ ବିମାନବନ୍ଦରରେ ଆହତ ଯାତ୍ରୀଙ୍କ ଚିକିତ୍ସା କରାଯାଇଥିଲା । ଦୁଘର୍ଟଣା ହେବା ଫଳରେ ଶବ୍ଦ ହୋଇଥିଲା । ଯେଉଁଥି ପାଇଁ ଆକାଶ ଧୂଆଁମୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ନିକଟରେ ଅର୍ଥାତ୍ ଗତ ସପ୍ତାହରେ ଆମେରିକାରେ ଆଉ ଏକ ବିମାନ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ହେବା ଯୋଗୁଁ ବିମାନଟିରେ ନିଆଁ ଲାଗିଯାଇଥିଲା । ଯେଉଁଥିରେ ୪ଜଣଙ୍କର ମୃତ୍ୟୁ ହୋଇଥିଲା । ଉତ୍ତର-ପୂର୍ବରେ ଚିନଲେ ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ସେପ୍ଟେମ୍ବର ୧ରୁ ଦିଲ୍ଲୀ-ୱାଶିଂଟନ ଉଡ଼ାଣ ବନ୍ଦ କରିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ : ନୂଆଦିଲ୍ଲୀରୁ ୱାଶିଂଟନକୁ ବିମାନ ଚଳାଚଳ ବନ୍ଦ କରିବାକୁ ଘୋଷଣା କରିଛି ଏୟାର ଇଣ୍ଡିଆ । ଦିଲ୍ଲୀରୁ ୱାଶିଂଟନ ଡିସିକୁ ଏୟାର ଇଣ୍ଡିଆ ବିମାନ ସେବା ବନ୍ଦ କରିବ ବୋଲି ନିଷ୍ପତ୍ତି ନେଇଛି । ସେପ୍ଟେମ୍ବର ୧ ତାରିଖରୁ ଉଡ଼ାଣ ସେବା ବନ୍ଦ ହେବ । ଯାହାର କାରଣ ଦର୍ଶାଇ ଏୟାର ଇଣ୍ଡିଆ କହିଛି କି, ଏୟାର ଇଣ୍ଡିଆର ୨୬ଟି ବୋଇଂ ୭୮୭-୮ ବିମାନକୁ ଅପଗ୍ରେଡ୍ କରିବା ପାଇଁ କାମ ଚାଲିଛି । ଏହା ଯୋଗୁଁ ଅନେକ ବିମାନ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ପାଇଁ ଉପଲବ୍ଧ ହେବ ନାହିଁ । ଏହି କାମ ୨୦୨୬ ଶେଷ ପର୍ଯ୍ୟନ୍ତ ଜାରି ରହିବ । ଏହାସହିତ ପାକିସ୍ତାନର ଆକାଶପଥ ବନ୍ଦ ଥିବାରୁ ଦୂରଗାମୀ ବିମାନରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଏୟାର ଇଣ୍ଡିଆ ଏଭଳି ନିଷ୍ପତ୍ତି ନେଇଛି । ବିମାନ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେପ୍ଟେମ୍ବର ୧ ପରେ ବିମାନ ଯାତ୍ରା ପାଇଁ ବୁକ୍ କରିଥିବା ଯାତ୍ରୀମାନଙ୍କ ସହିତ ଯୋଗାଯୋଗ କରାଯିବ ଏବଂ ସେମାନଙ୍କୁ ଦୁଇଟି ବିକଳ୍ପ ଦିଆଯିବ । ଅନ୍ୟ ଏକ ବିମାନରେ ସିଟ୍ ବୁକ୍ କରିବା ଏବଂ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇବାର ବିକଳ୍ପ ଦିଆଯିବ । ଯାତ୍ରୀମାନେ ଏବେ ବି ଏୟାର ଇଣ୍ଡିଆର ଆଲାସ୍କା ଏୟାରଲାଇନ୍ସ, ୟୁନାଇଟେଡ୍ ଏୟାରଲାଇନ୍ସ, ଡେଲ୍ଟା ଏୟାରଲାଇନ୍ସ ପରି ଇଣ୍ଟରଲାଇନ୍ ପାର୍ଟନର ମାଧ୍ୟମରେ ଜେଏଫକେ, ନ୍ୟୁୟର୍କ, ନେୱାର୍କ, ଚିକାଗୋ କିମ୍ବା ସାନ ଫ୍ରାନ୍ସିସ୍କୋ ଦେଇ ୱାଶିଂଟନ ଡିସି ଯାଇପାରିବେ ।

## ବିଏଲଏ ଆତଙ୍କୀ ସଂଗଠନ ଘୋଷିତ

ଆମେରିକା: ବଲୁଚିସ୍ତାନ ଲିବରେସନ ଆର୍ମି ଏବଂ ଏହାର ଶାଖା ମାଜିଦ ବ୍ରିଗେଡକୁ ଆମେରିକା ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି । ଆମେରିକା ବୈଦେଶିକ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ନିଷ୍ପତ୍ତି ଏପରି ଏକ ସମୟରେ ନିଆଯାଇଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ସରକାରଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି । ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏକ ବିବୃତିରେ କହିଛନ୍ତି ଯେ ଏହି ପଦକ୍ଷେପ ଆତଙ୍କବାଦ ବିରୋଧରେ ଟ୍ରମ୍ପ ପ୍ରଶାସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ମାର୍କୋ ରୁବିଓ କହିଛନ୍ତି, 'ଏହି ସଙ୍କଟ ବିରୋଧରେ ଆମର ଲଢ଼େଇରେ ଆତଙ୍କବାଦୀ ଘୋଷଣା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ସମର୍ଥନ ହ୍ରାସ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ଉପାୟ ।' ୨୦୧୯ରେ ଅନେକ ଆକ୍ରମଣ ପରେ ବିଏମଏକୁ ସ୍ୱତନ୍ତ୍ର ଭାବରେ ବିଶ୍ୱ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଥିଲା । ଗତ ମାର୍ଚ୍ଚ ମାସରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ, କ୍ୱେଟାରୁ ପେଶାୱର ଯାଉଥିବା ଏକ ଟ୍ରେନକୁ ଅପହରଣ କରିବା ପାଇଁ ଦାୟିତ୍ୱ ନେଇଥିଲା । ଯେଉଁଥିରେ ଡଜନ ଡଜନ ଯାତ୍ରୀ ଏବଂ ଯବାନଙ୍କର ମୃତ୍ୟୁ ହୋଇଥିଲା ।

## ଭୋଟ୍ ଚୋରି ଅଭିଯୋଗ ନେଇ ସଂସଦରେ ପୁଣି ବିରୋଧୀଙ୍କ ହଙ୍ଗାମା

ନୂଆଦିଲ୍ଲୀ : ସଂସଦ ବାହାରେ ବିରୋଧୀଙ୍କ ହଲ୍ଲାବୋଲ । ଭୋଟ୍ ଚୋରି ଅଭିଯୋଗ ନେଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଜି ମଧ୍ୟ ସଂସଦ ବାହାରେ ପ୍ରତିବାଦ ଦେଖିବାକୁ ମିଳିଛି । ଇଣ୍ଡିଆ ବ୍ଲକ ନେତାମାନେ ଭୋଟର ଜାଲିଆତି ଏବଂ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ମାମଲାକୁ ନେଇ ବିରୋଧ ଜାରି ରଖିଛନ୍ତି । ସାଂସଦମାନେ 'ମିଣ୍ଟା ଦେବୀ' ନାମ ଲେଖା ଟି-ସାର୍ଟ ପିନ୍ଧି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ମିଣ୍ଟା ଦେବୀ ନାଁରେ ନକଲି ଭୋଟର ବାହାରିବା ପରେ ଏହାକୁ ନେଇ ନିଆରା ଢଙ୍ଗରେ ପ୍ରତିବାଦ କରିଛି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ । ଆଦି ପ୍ରତିବାଦ ବେଳେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାରଗେଙ୍କ ସହ ଶିବସେନା ଉଦ୍ଧବ ଗୋଷ୍ଠି, ଆପ୍ ଓ ସପାର ସାଂସଦ ମାନଙ୍କୁ ଦେଖିବାକୁ ମିଳିଥିଲା ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆକ୍ସନ

ନୂଆଦିଲ୍ଲୀ : ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ବଡ଼ ଆକ୍ସନ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଗମ୍ଭୀର ବୋଲି ଗ୍ରହଣ କରି ଏହି ମାମଲାର ଯାଞ୍ଚ ପାଇଁ ୩ ଜଣିଆ କମିଟି ଗଠନ କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯେ, ଭାରତର ତତ୍କାଳୀନ ମୁଖ୍ୟ ବିଚାରପତିଙ୍କ ନିଜ ରାୟରେ ଏହି ଘଟଣାର ଜରୁରୀ ଯାଞ୍ଚ କରିବା ପାଇଁ କହିଛନ୍ତି । ଏହାସହ ଅଭିଯୋଗକୁ ଦେଖି ଆବଶ୍ୟକୀୟ ପଦକ୍ଷେପ ନେବାକୁ ମଧ୍ୟ ଜଣାଇଛନ୍ତି । ତେଣୁ ଏହାକୁ ଦେଖି ସେ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗଠନ କରିଥିବା ଏହି କମିଟିରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ପୂର୍ବ ମୁଖ୍ୟ ବିଚାରପତି ବି.ବି. ଆଚାର୍ଯ୍ୟ ରହିଛନ୍ତି । କଣ ଥିଲା ପୂରା ଘଟଣା ? : ଦିଲ୍ଲୀ ହାଇକୋର୍ଟର ପୂର୍ବ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ଆବାସରେ ଚଳିତ ବର୍ଷ ନିଆଁ ଲାଗିଯାଇଥିଲା । ଏହାପରେ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ହେଲେ ଏହି ସମୟରେ କିନ୍ତୁ ସେଠାରେ ବହୁ ପରିମାଣରେ ଅଧା ଜଳା ନୋଟ ମିଳିଥିଲା । ଯାହାକି ସେ ସମୟରେ ବିବାଦ ସୃଷ୍ଟି କରିଥିଲା । ଏହାପରେ ଜଷ୍ଟିସ୍ ବର୍ମାଙ୍କୁ ଆଲ୍ଲାବାଦ ହାଇକୋର୍ଟକୁ ଟ୍ରାନ୍ସଫର କରିଦିଆଯାଇଥିଲା । ଆଉ ଏବେ ଏହି ଘଟଣାରେ କମିଟି ଗଠନ କରିଛନ୍ତି ଲୋକସଭା ବାଚସ୍ପତି ।

# ଭସ୍ମାସୁର ସାଜିବେ ଟ୍ରମ୍ପ ! ନିଜକୁ ନିଜେ କରିବେ ବିନାଶ, ଭାରତ ଲଗାଇବ ପାଲଟା ଶୁଳ୍କ

ନୂଆଦିଲ୍ଲୀ : ଟ୍ରମ୍ପଙ୍କ ଟାରିଫ୍ ପ୍ଲାନ୍ ସାରା ବିଶ୍ୱକୁ ଚିନ୍ତାରେ ପକାଇଛି । ବିଶ୍ୱର ଅନେକ ଦେଶ ଉପରେ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ । ଭାରତ ଏବଂ ବ୍ରାଜିଲ ଉପରେ ସର୍ବାଧିକ ୫୦% ଶୁଳ୍କ ଲାଗୁ କରାଯାଇଛି । ଟ୍ରମ୍ପ ଭାବୁଛନ୍ତି ତାଙ୍କର ଶୁଳ୍କ ଚାପରେ ସବୁ ଦେଶ ଚେପା ହୋଇଯିବେ, କିନ୍ତୁ ସେ ଜାଣିନାହାନ୍ତି ସେ ଧୀରେଧୀରେ ଭସ୍ମାସୁର ହେବାକୁ ଲାଗିଲେଣି । ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ଆରମ୍ଭ କରିଦେଲେଣି । ଏକଥା ଆମେ କହୁନାହୁଁ, କିଛି ବିଶେଷଜ୍ଞ ଏହାକୁ ନେଇ ମତ ରଖିଥିବା ବେଳେ, ନିଜ ଦେଶର ଲୋକେ ଟ୍ରମ୍ପଙ୍କୁ ବିରୋଧ କରିବାକୁ ଲାଗିଲେଣି । ଟାରିଫ୍ ଦ୍ୱାରା ଅନ୍ୟ ଦେଶ ନୁହେଁ ଟ୍ରମ୍ପଙ୍କ ଏହି ଟାରିଫର ପ୍ରଭାବ ଆମେରିକାରେ ବି ଦେଖିବାକୁ ମିଳିଛି । ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାରରେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଗ୍ରୋସରୀ ସାମଗ୍ରୀକୁ ଶସ୍ତା କରିବେ । ସେ କହିଥିଲେ ଯେ ଆମେରିକୀୟମାନେ ଖୁବ୍ ଶୀଘ୍ର ସହଜରେ ଗ୍ରୋସରୀ ସାମଗ୍ରୀ କିଣିପାରିବେ, କିନ୍ତୁ ଟାରିଫ୍ ପ୍ରଭାବରେ ଦେଶରେ ଗ୍ରୋସରୀ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି । ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି । ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ । ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖାଯାଉଛି । ଏହା ସହିତ ଆମେରିକାରେ ମଧ୍ୟ ତାତି ବଢୁଛି । ସିଏନଏନ ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ । ୫୩% ଲୋକ କହିଛନ୍ତି ଯେ ଗ୍ରୋସରୀ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା । ସର୍ଭେରୁ ଜଣାପଡୁଛି ଯେ ଆମେରିକୀୟମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ । ବିଶେଷକରି ଅଣ୍ଡା, ଗୋମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଇଛି । ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ, ବିଦେଶରୁ ଆସୁଥିବା ଫଳ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି । ଆମେରିକା ବିଶ୍ୱର ସବୁଠାରୁ ବଡ଼ ଅର୍ଥନୀତି ଏବଂ ପ୍ରାୟ ସମସ୍ତ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ରଖିଛି । ଆମେରିକାର ବଜାର ବହୁତ ବଡ଼ କିନ୍ତୁ ସେଠାକାର ଅଧିକାଂଶ ଜିନିଷ ଆମଦାନୀ କରାଯାଏ । ଏପରିକି ପାନୀୟ ସାମଗ୍ରୀ ମଧ୍ୟ ଆମଦାନୀ କରାଯାଏ । ପୂର୍ବରୁ, ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଅତି କମରେ ୧୦% ଶୁଳ୍କ ଲାଗୁ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି । ଟ୍ରମ୍ପ ପ୍ରତ୍ୟେକ ଦେଶ ଉପରେ ଭିନ୍ନ ଭିନ୍ନ ଶୁଳ୍କ ଲାଗୁ କରିଛନ୍ତି । ଯାହାର ପ୍ରଭାବ ଅନ୍ୟ ଦେଶ ଉପରେ ପଡ଼ିବା ସହ ଆମେରିକା ବି ଏଥିରେ ପ୍ରଭାବିତ ହୋଇଛି ।

ଆମେରିକା ବର୍ତ୍ତମାନ ଭାରତର ଇସ୍ପାତ, ଆଲୁମିନିୟମ ଭଳି ବିଭିନ୍ନ ସାମଗ୍ରୀ ଉପରେ ୫୦% ଟାରିଫ ଲଗାଇଛି । ଏହାର ଜବାବରେ ଭାରତ ଆମେରିକାର ବଛା ବଛା ସାମଗ୍ରୀ ଉପରେ ୫୦% ଟାରିଫ ଲଗାଇପାରେ। ଏ ନେଇ ଭାରତ ବିଚାର କରୁଛି ବୋଲି ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟରେ ପ୍ରକାଶ ପାଇଛି । ଏଭଳି ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିରୋଧରେ ଭାରତର ପ୍ରଥମ ଔପଚାରିକ ପାଲଟା କାର୍ଯ୍ୟାନୁଷ୍ଠାନ ହେବ ।

ଟ୍ରମ୍ପ ୩୧ ଜୁଲାଇରେ ସବୁ ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିଥିଲେ । ଏହା ପରେ ପୁଣି ଥରେ ୬ ଅଗଷ୍ଟରେ ଋଷଠାରୁ ତେଲ କିଣାକୁ ନେଇ ଭାରତ ବିରୋଧରେ ଅତିରିକ୍ତ ୨୫% ଟାରିଫ ଲାଗୁ କରିଥିଲେ । ଭାରତ ଏବଂ ଆମେରିକା ମଧ୍ୟରେ ଏବେ ମୋଟ ୧୧ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷୀକ କାରବାର ରହିଛି । ଆମେରିକା ଭାରତକୁ ୩.୪୬ ଲକ୍ଷ କୋଟିର ସାମଗ୍ରୀ ରପ୍ତାନି କରୁଛି । ଏହା ମଧ୍ୟରେ ଅଶୋଧିତ ତୈଳ, ପେଟ୍ରୋଲିୟମ, କୋଇଲା, ହୀରା, ବିମାନ ଏବଂ ମହାକାଶ ଯାନ ଯନ୍ତ୍ରାଂଶ ସାମିଲ ରହିଛି । ସେହିଭଳି ଭାରତ ଆମେରିକାକୁ ୭.୩୫ ଲକ୍ଷ କୋଟିର ସାମଗ୍ରୀ ରପ୍ତାନି କରିଥାଏ । ଏହା ମଧ୍ୟରେ ଫାର୍ମାସ୍ୟୁଟିକାଲ ସାମଗ୍ରୀ, ଟେଲିକମ ଡିଭାଇସ, ଜୁଏଲେରୀ, ପେଟ୍ରୋଲିୟମ୍ ଏବଂ ପୋଷାକ ସାମିଲ ରହିଛି । ତେବେ ଟ୍ରମ୍ପଙ୍କ ଏହି ଟାରିଫ୍ ପ୍ଲାନ୍ ଆଗାମୀ ଦିନରେ ଟ୍ରମ୍ପ ଏବଂ ଟ୍ରମ୍ପଙ୍କ ଦେଶ ଓ ନାଗରିକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି ମତ ପ୍ରକାଶ ପାଇଛି.।

## ଜେଲ ଦଣ୍ଡ ସମାପ୍ତ କରିଥିବା ଦୋଷୀଙ୍କୁ ତୁରନ୍ତ ମୁକ୍ତ କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ୨୦୦୨ ନୀତିଶ କଟାରା ହତ୍ୟା ମାମଲାରେ ଦୋଷୀ ସୁଖଦେବ ପେହଲୱାନଙ୍କୁ ୨୦ ବର୍ଷର ଦଣ୍ଡ ସମାପ୍ତ ହେବା ପରେ ଜେଲରୁ ମୁକ୍ତ କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି । ଶୀର୍ଷ ଅଦାଲତ କହିଛନ୍ତି, ସୁଖଦେବ ଭଳି ନିର୍ଣ୍ଣିତ ମିଆଦ ଜୀବନକାରାଦଣ୍ଡ ପାଇଥିବା ଦୋଷୀଙ୍କୁ ନିର୍ଦ୍ଦିଷ୍ଟ ଅବଧି ସମାପ୍ତ ପରେ ମୁକ୍ତ କରାଯିବ । ଏହା ସହ ମୁକ୍ତି ପାଇଁ ରିମିସନ ଆଦେଶର ଆବଶ୍ୟକତା ନାହିଁ, ଯାହା ସାରା ଜୀବନ ଜେଲରେ କାଟିବାକୁ ଦଣ୍ଡିତଙ୍କ କ୍ଷେତ୍ରରେ ଲାଗୁ ହୁଏ। ଅଦାଲତ ମିଆଦ ସମାପ୍ତ ହୋଇଥିଲେ ମଧ୍ୟ ଜେଲରେ ରହିଥିବା ଅନ୍ୟ ଦୋଷୀଙ୍କ ପାଇଁ ଉଦ୍‌ବେଗ ପ୍ରକାଶ କରି ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ବି.ଭି. ନାଗରତ୍ନା ଓ କେ.ଭି. ବିଶ୍ୱନାଥନଙ୍କ ବେଞ୍ଚ କହିଛନ୍ତି, "ଏହି ମନୋଭାବ ଜାରି ରହିଲେ ପ୍ରତ୍ୟେକ ଦୋଷୀ ଜେଲରେ ମରିବେ।" ଗତ ୨୯ ଜୁଲାଇରେ ଅଦାଲତ ସୁଖଦେବ ଯାଦବ (ପେହଲୱାନ)ଙ୍କୁ ମୁକ୍ତ କରିବାକୁ ଆଦେଶ ଦେଇଥିଲେ, କିନ୍ତୁ ସେଣ୍ଟେନ୍ସ ରିଭିଉ ବୋର୍ଡ ତାଙ୍କ ଆଚରଣକୁ କାରଣ ଦର୍ଶାଇ ମୁକ୍ତି ଅଟକାଇଥିଲେ। ମାର୍ଚ୍ଚରେ ୨୦ ବର୍ଷ ଦଣ୍ଡ ସମାପ୍ତ କରିଥିବା ପେହଲୱାନ ଏହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ, ଯାହା ତାଙ୍କୁ ମାମଲା ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ୩ ମାସର ଅସ୍ଥାୟୀ ମୁକ୍ତି (ଫର୍ଲୋ) ପ୍ରଦାନ କରିଥିଲା। ଅଦାଲତ ସେଣ୍ଟେନ୍ସ ରିଭିଉ ବୋର୍ଡକୁ ଏହାର ଆଦେଶ ଅମାନ୍ୟ କରିବା ପାଇଁ ତୀବ୍ର ସମାଲୋଚନା କରିଛି। ଦିଲ୍ଲୀ ସରକାରଙ୍କ ପାଇଁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଦାଭେ ଯୁକ୍ତି ଦେଇଥିଲେ ଯେ ଜୀବନକାରାଦଣ୍ଡ ଅର୍ଥ ଜୀବନର ଅବଶିଷ୍ଟ ସମୟ ଜେଲରେ କାଟିବା, କିନ୍ତୁ ପେହଲୱାନଙ୍କ ଓକିଲ ସିଦ୍ଧାର୍ଥ ମୃଦୁଲ ଯୁକ୍ତି ଦେଇଥିଲେ ଯେ ଦଣ୍ଡ ମାର୍ଚ୍ଚ ୯ରେ ସମାପ୍ତ ହୋଇଛି ଏବଂ ମୁକ୍ତ ନ କରିବାର କୌଣସି ଯୁକ୍ତି ନାହିଁ।

## ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା: ୩ ଦିନ ପର୍ଯ୍ୟନ୍ତ କେଦାରନାଥ ଯାତ୍ରା ବନ୍ଦ



ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡରେ ତାଣ୍ଡବ ରଚୁଛି ମୌସୁମୀ । ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିଛି । ଏହି କାରଣରୁ ପାଣିପାଗ ବିଭାଗ ଆଜି ରେଡ୍ ଆଲର୍ଟ ଜାରି କରିଛି । ଏହା ସହିତ ଅତ୍ୟାବଶ୍ୟକ ନହେଲେ ଘରୁ ନବାହାରିବାକୁ ଲୋକଙ୍କୁ ଅନୁରୋଧ କରିଛି । ସୁରକ୍ଷାକୁ ଦୃଷ୍ଟିରେ ରୁଦ୍ରପ୍ରୟାଗର ଜିଲ୍ଲା ପ୍ରଶାସନ ଅଜିଠାରୁ ଆଗାମୀ ୩ଦିନ ଅର୍ଥାତ୍ ଅଗଷ୍ଟ ୧୪ ପର୍ଯ୍ୟନ୍ତ କେଦାରନାଥ ଯାତ୍ରାକୁ ବନ୍ଦ କରାଯାଇଛି । ଏହାରି ମଧ୍ୟରେ କେଦାରନାଥ ଆସୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ପରାମର୍ଶ ଜାରି କରିଛି ରୁଦ୍ରପ୍ରୟାଗର ଡିଗ । ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହି କେଦାରନାଥ ଯାତ୍ରାଠାରୁ ଦୂରରେ ରହିବାକୁ ଚେତାବନୀ ଦିଆଯାଇଛି । ରୁଦ୍ରପ୍ରୟାଗର ଡିଗ ପ୍ରତୀକ ଜୈନ କହିଛନ୍ତି ଯେ, ଡେରାଡୁନ ପାଣିପାଗ କେନ୍ଦ୍ର ୧୨, ୧୩ ଏବଂ ୧୪ ଅଗଷ୍ଟ ରୁଦ୍ରପ୍ରୟାଗ ସମେତ ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ସ୍ୱରୂପ କେଦାରନାଥ ଯାତ୍ରାରେ ବନ୍ଦ କରିଦିଆଯାଇଛି । ଏହା ବ୍ୟତୀତ ଏହି ସମୟରେ ସମସ୍ତ ବିଭାଗକୁ ସତର୍କ ରହିବାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଦେଇଛି । ଜାତୀୟ ରାଜପଥର ବିପଦ ଅଞ୍ଚଳରେ ୨୪ ଘଣ୍ଟା ଜେସିବି ଏବଂ ପୋକଲ୍ୟାଣ୍ଡ ମେସିନ୍ ନିୟୋଜିତ କରାଯାଇଛି । ରାସ୍ତା ଅବରୋଧ ହେବା ଫଳରେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ । ଆହୁରି ମଧ୍ୟ ସେ କହିଛନ୍ତି ଯେ ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଇଛି ଏବଂ ନଦୀ କୂଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅପିଲ୍ କରାଯାଇଛି ।

## ଜମ୍ମୁ ପୁଞ୍ଚ ରାଜମାର୍ଗରେ ଭୂସ୍ଖଳନ: ଆଲର୍ଟ ମୋଡରେ ପ୍ରଶାସନ




ନୂଆଦିଲ୍ଲୀ : ଜମ୍ମୁ କଶ୍ମୀର ପୁଞ୍ଚ ରାଜମାର୍ଗରେ ଲଗାତାର ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଅଖନୁର ନିକଟରେ ପାହାଡରୁ ପଥର ଖସିବା ଯୋଗୁଁ ଯିବାଆସିବା ପ୍ରଭାବିତ ହୋଇଛି । ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ରାସ୍ତାରୁ ମାଟି ହଟାବା ସହିତ ଯାନବାହନ ଯିବାଆସିବା ପାଇଁ ସୁଗମ କରୁଛି । ପାଣିପାଗ ବିଭାଗ ଯାତ୍ରୀଙ୍କୁ ସାବଧାନ ରହିବାକୁ ପରାମର୍ଶ ଦେଇଛି। ଲଗାତାର ବର୍ଷା ଏବଂ ଭୂସ୍ଖଳନ ଆଶଙ୍କା ଯୋଗୁଁ ରାଜୌରୀ ଏବଂ ପୁଞ୍ଚ ଜିଲ୍ଲାରେ ଶିକ୍ଷା ବିଭାଗ ସମସ୍ତ ସ୍କୁଲକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ଆଦେଶ ଜାରି କରିଛି । ପିଲା ଏବଂ ଶିକ୍ଷକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଜୁଲାଇ ୨୦୨୫ରେ ପ୍ରବଳ ବର୍ଷା କାରଣରୁ ଜମ୍ମୁ ସଭାଗର ୭ ଜିଲ୍ଲାରେ ସ୍କୁଲ ବନ୍ଦ କରାଯାଇଥିଲା । ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ କରିଦେଇଥିଲା। ପ୍ରଶାସନ ତଳିଆ ଅଞ୍ଚଳରେ ଜଳମଗ୍ନ ଏବଂ ଭୂସ୍ଖଳନ ଅଞ୍ଚଳରୁ ବର୍ତ୍ତି ରହିବା ପାଇଁ ପରାମର୍ଶ ଦେଇଥିଲା । ପାଣିପାଗ ବିଭାଗ ଆଗାମୀ ୭୨ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଚେତାବନୀ ମଧ୍ୟ ଦେଇଛି। ଯେଉଁଥିପାଇଁ ପ୍ରଶାସନ ଜରୁରୀକାଳୀନ ଟିମ୍ ନିୟୋଜିତ କରିଛି । ଗତ କିଛି ମାସ ମଧ୍ୟରେ ଜମ୍ମୁ-ରାଜୌରୀ-ପୁଞ୍ଚ ଜାତୀୟ ରାଜପଥରେ ବାରମ୍ବାର ଭୂସ୍ଖଳନର ଘଟଣା ରିପୋର୍ଟ ହୋଇଛି । ଜୁଲାଇରେ ପୁଞ୍ଚ ଜିଲ୍ଲାର କଲାଲ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ରାଜପଥ କିଛି ଘଣ୍ଟା ପାଇଁ ବନ୍ଦ ହୋଇଯାଇଥିଲା । ଯାହା ଫଳରେ ଶହ ଶହ ଯାତ୍ରୀ ମଝି ରାସ୍ତାରେ ଫସି ରହିଥିଲେ । ଗତ ମାସରେ, ରାଜୌରୀର କାଲାକୋଟ ଡିଭିଜନରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଯୋଗୁଁ ଏକ ମଦ୍ରାସା ଏବଂ ପାଞ୍ଚଟି ଘର ନଷ୍ଟ ହୋଇଯାଇଥିଲା । ଏହା ସହିତ, ପୁଞ୍ଚର ଏକ ପ୍ରାଥମିକ ବିଦ୍ୟାଳୟରେ ଭୂସ୍ଖଳନ ଯୋଗୁଁ ଛାତ ଭୁଶୁଡ଼ି ପଡ଼ିବା ଯୋଗୁଁ ଜଣେ ଛାତ୍ରଙ୍କ ମୃତ୍ୟୁ ଏବଂ ଅନେକ ଆହତ ହେବାର ଏକ ଦୁଃଖଦ ଘଟଣା ମଧ୍ୟ ରିପୋର୍ଟ ହୋଇଛି ।

## ୧୨ ବର୍ଷର ଝିଅଙ୍କୁ ବଳାତ୍କାର କଲେ ୨୦୦ରୁ ଅଧିକ ପୁରୁଷ

ପୁଣେ : ମହାରାଷ୍ଟ୍ରର ପାଲଘରରେ ଏକ ୧୨ ବର୍ଷୀୟା ବାଂଲାଦେଶୀ ଝିଅକୁ ଏକ ସେକ୍ସ ରାକେଟରୁ ଉଦ୍ଧାର କରାଯାଇଛି। ପଚରାଉଚରା ସମୟରେ ସେ ସାଂଘାତିକ ଘଟଣା ଉଲ୍ଲେଖ କରିଛନ୍ତି। ୩ ମାସ ମଧ୍ୟରେ ୨୦୦ରୁ ଅଧିକ ପୁରୁଷ ତାଙ୍କୁ ଏକ ଫ୍ଲାଟରେ ବଳାତ୍କାର କରିଥିଲେ। ଝିଅଟି ବାଂଲାଦେଶର। ସେ ଗୋଟିଏ ବିଷୟରେ ଫେଲ୍ ? ହୋଇଥିଲେ। ତାଙ୍କ ପିତାମାତାଙ୍କ ଦ୍ୱାରା ଗାଳି ପାଇବାରୁ ବଞ୍ଚିବା ପାଇଁ ସେ ଘରୁ ପଳାଇ ଆସିଥିଲେ। ତା'ପରେ ତାଙ୍କ ପରିଚିତ ଜଣେ ମହିଳା ତାଙ୍କୁ ଭାରତ ଆଣି ବେଶ୍ୟାବୃତ୍ତିରେ ଠେଲି ଦେଇଥିଲେ ଏବଂ ଏହିଠାରୁ ତାଙ୍କ ସହିତ ବର୍ବରତାର ଖେଳ ଆରମ୍ଭ ହୋଇଥିଲା। ଅଧିକାରୀମାନେ କହିଛନ୍ତି, ଜୁଲାଇ ୨୬ରେ, ପାଲଘରର ନାଇଗାଓଁର ଭାସାଇ ଭିରାରରେ ଏକ ଫ୍ଲାଟରେ ଚଢାଉ କରାଯାଇଥିଲା। ମୀରା-ଭାୟନ୍ଦର ଭାସାଇ-ଭିରାର ପୋଲିସର ମାନବ ଚାଲାଣ ବିରୋଧୀ ୟୁନିଟ ଏନଜିଓ ଏକ୍ସୋଡସ ରୋଡ ଇଣ୍ଡିଆ ଫାଉଣ୍ଡେସନ ଏବଂ ହାରମୋନି ଫାଉଣ୍ଡେସନ ସହାୟତାରେ ଏହି ଅଭିଯାନ ଚଳାଇଥିଲା ଏବଂ ଯୁବତୀଙ୍କୁ ବେଶ୍ୟାବୃତ୍ତି ରାକେଟରୁ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି। ପୀଡିତା ଝିଅଟି କହିଛନ୍ତି ଯେ, ତାଙ୍କୁ ପ୍ରଥମେ ଗୁଜରାଟର ନାଡିଆଡକୁ ନିଆଯାଇଥିଲା ଏବଂ ସେଠାରେ ୨୦୦ରୁ ଅଧିକ ପୁରୁଷ ତାଙ୍କୁ ତିନି ମାସ ଧରି ବଳାତ୍କାର କରିଥିଲେ। ବାଂଲାଦେଶୀ ଝିଅ ସହିତ ଆଉ ୪ ଜଣ ଝିଅଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା, ଯେଉଁମାନଙ୍କୁ ମୁମ୍ବାଇ, ପୁଣେ ଏବଂ ଗୁଜରାଟ, କର୍ନାଟକ ଭଳି ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରୁ ବେଶ୍ୟାବୃତ୍ତି ପାଇଁ ଅଣାଯାଇଥିଲା। ବର୍ତ୍ତମାନ ଏହି ପୀଡିତା ଝିଅମାନଙ୍କୁ ଏକ ଶିଶୁ ସଂସ୍କାର ଗୃହରେ ରଖାଯାଇଛି।

# ଏଲଏସି ନିକଟରେ ବଡ଼ ରେଳପ୍ରକଳ୍ପ କରିବାକୁ ଯାଉଛି ଚୀନ




ନୂଆଦିଲ୍ଲୀ: ସୀମା ନିକଟରେ ଚୀନର ବଡ଼ ଚକ୍ରାନ୍ତ । ବ୍ରହ୍ମପୁତ୍ର ନଦୀରେ ବଡ଼ ଡ୍ୟାମ ପରେ ଏବେ ଏଲଏସି ନିକଟରେ ବଡ଼ ରେଳପ୍ରକଳ୍ପ କରିବାକୁ ଯାଉଛି ଚୀନ । ଖଇଉ ନିକଟରେ ୫,୦୦୦ କି.ମି ଲମ୍ବା ସିନଜିଆଙ୍ଗ-ତିବ୍ବତ ରେଳ ଲିଙ୍କ୍ ନିର୍ମାଣ କରିବାକୁ ଯାଉଛି । ଏହି ବୃହତ ରେଳ ପ୍ରକଳ୍ପର କାମ ଚଳିତ ବର୍ଷ ଆରମ୍ଭ ହୋଇପାରେ । ଏହି ରେଳ ଲାଇନ୍ ତିବ୍ବତର ଲାସାକୁ କେନ୍ଦ୍ର କରି ନିର୍ମାଣ କରାଯାଉଛି । ଏହି ରେଳ ଲାଇନ ସିନଜିଆଙ୍ଗର ହୋଟାନ୍ ସହରକୁ ତିବ୍ବତର ଲାସା ସହ ସଂଯୋଗ କରିବ । ୨୦୩୫ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ରେଳପଥ ନିର୍ମାଣ କରିବାକୁ ଚୀନର ସରକାରୀ ରେଳ ସଂସ୍ଥା ଅଧୀନରେ, ସିନଜିଆଙ୍ଗ-ତିବ୍ବତ ରେଲୱେ କମ୍ପାନୀ (ଉଞ୍ଜଜଉ) ଗଠନ ହୋଇଛି । ପ୍ରାୟ ୧୩.୨ ବିଲିୟନ ଡଲାର ପ୍ରାରମ୍ଭିକ ପୁଞ୍ଜି ସହ ସହ ଏହି କମ୍ପାନୀ ପଞ୍ଜୀକୃତ ହୋଇଛି । ଚୀନର ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଅଞ୍ଚଳକୁ ସଂଯୋଗ କରିବ ସିନଜିଆଙ୍ଗ-ତିବ୍ବତ ରେଳପଥ । କୁନଲୁନ, କାରାକୋରମ, କୈଳାସ ଓ ହିମାଳୟ ପର୍ବତମାଳା ଦେଇଯିବ ଏହି ରେଳ ଲାଇନ । ରେଳପଥର ହାରାହାରି ଉଚ୍ଚତା ୪,୫୦୦ ମିଟରରୁ ଅଧିକ ହେବ । ଯେଉଁଠି ଶୀତଦିନରେ ତାପମାତ୍ରା ମାଇନସ ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଖସିପାରେ । ଅମ୍ଳଜାନ ସ୍ତର ୪୪% ରହିବ । ଏହି ରେଳ ଲାଇନ ଖଇଉ ନିକଟ ଦେଇଯିବ । ଏହାସହ ଏହି ରେଳ ଲାଇନ ଭାରତର ଅକ୍ସାଇ ଚୀନ ଅଞ୍ଚଳ ଦେଇ ଯାଇପାରେ । ତେଣୁ ସାମରିକ ଦୃଷ୍ଟିକୋଣରୁ ଚୀନ ପାଇଁ ରେଳପଥ ଗୁରୁତ୍ୱପୂର୍ଣ୍ଣ ରହିବ ।

ଏହି ରେଳପଥ ଯୋଗୁଁ, ଭାରତ-ଚୀନ ସମ୍ପର୍କରେ ନୂଆ ଉତ୍ତେଜନା ସୃଷ୍ଟି ହୋଇପାରେ । ୨୦୨୦ ଗଲୱାନ ସଂଘର୍ଷ ପରେ ଦୁଇ ଦେଶ ସମ୍ପର୍କ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଛନ୍ତି । ଗତ ବର୍ଷ କଜାନରେ ବ୍ରିକ୍ସ ସମ୍ମିଳନୀରେ ମୋଦି ଓ ସି ଜିନପିଂଙ୍କ ମଧ୍ୟରେ ବୈଠକ ହୋଇଥିଲା । ଏହା ପରେ ସମ୍ପର୍କରେ କିଛି ଉନ୍ନତି ଆସିଛି । ଏପରିକି ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ବୈଠକରେ ଯୋଗ ଦେବାକୁ ମୋଦି ଚୀନ ଯାଇପାରନ୍ତି । ଏହି ସମୟରେ ଚୀନର ରେଳପଥ ନୂଆ ବିବାଦ ସୃଷ୍ଟି କରିପାରେ । ତିବ୍ବତକୁ ନେଇ ଅନେକ ବିବାଦୀୟ ପ୍ରକଳ୍ପ ନିର୍ମାଣ କରୁଛି ଚୀନ । ତିବ୍ବତରେ ଚୀନର ବୃହତ ପ୍ରକଳ୍ପ ମଧ୍ୟରେ ବ୍ରହ୍ମପୁତ୍ର ନଦୀ ଉପରେ ବିଶ୍ୱର ସବୁଠାରୁ ବଡ ବନ୍ଧ ନିର୍ମାଣ ସାମିଲ ଅଛି । ଯାହା ଭାରତ ଓ ବାଂଲାଦେଶରେ ଚିନ୍ତା ସୃଷ୍ଟି କରିଛି । ଏବେ ନୂଆ ରେଳ ଲାଇନ ବିବାଦ ସୃଷ୍ଟି କରିବାକୁ ଯାଉଛି । ଅବଶ୍ୟ ଏହି ରେଳ ପ୍ରକଳ୍ପ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହେବ ।

## ପିଲାକୁ ଛାତରୁ ଫିଙ୍ଗିଦେଲା ମା'

ନୂଆଦିଲ୍ଲୀ: କଳିଯୁଗର ମା' । ସ୍ୱାମୀ ସହିତ ଝଗଡା କରି ମାତ୍ର ଦେଢବର୍ଷର ପିଲାର ଜୀବନ ନେଇଗଲା ମା । ସ୍ୱାମୀ ସହିତ ଝଗଡା କରିବା ପରେ ମହିଳା ଜଣକ ପିଲାକୁ ନେଇ ଦୁଇ ମହଲା କୋଠା ଉପରୁ ତଳକୁ ପକାଇଦେଇଛି । ଉତ୍ତରପ୍ରଦେଶ ହାପୁଡରେ ଛାତିଥରା ଘଟଣା ଦେଖିବାକୁ ମିଳିଛି । ଖବର ଅନୁଯାୟୀ, ହାପୁଡରେ ନଗର କୋତିବାଲି ଅଞ୍ଚଳ ମୋହଲ୍ଲା ମଜିଦପୁରାରେ ରହୁଥିବା ୱାମିସ ୫ ବର୍ଷ ପୂର୍ବେ ବିବାହ କରିଥିଲେ । ଦୁହିଁଙ୍କର ଦୁଇଟି ପିଲା ରହିଛି । ପ୍ରତିଦିନ ୱାମିସ ଘରକୁ ଆସିବା ପରେ ପତ୍ନୀ ଶବାନା ଝଗଡା କରୁଥିଲେ। ଗତକାଲି ମଧ୍ୟ ଦୁହିଁଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା । ଏହାପରେ ଶବାନା ଘରର ଛାତ ଉପରକୁ ଚାଲିଯାଇଥିଲା । ସେଠାରେ ଦେଢବର୍ଷ ପୁଅ ବଡ଼ ଭାଇ ସହିତ ଖେଳୁଥିଲା । ଏହା ଦେଖି ମହିଳା ଜଣକ ପିଲାକୁ ଟେକି ଆଣି ଛାତରୁ ଫିଙ୍ଗିଦେଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ଆସି ପିଲାଟିକୁ ହସପିଟାଲରେ ଭର୍ତ୍ତି କରିଥିଲେ ।


# ଗିଲ୍ ଓ ଡଙ୍କଲୀଙ୍କୁ ଆଇସିସିର ବଡ଼ ପୁରସ୍କାର



ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଟିମର ଅଧିନାୟକ ଶୁବମନ ଗିଲଙ୍କୁ ମିଳିଛି ଆଇସିସି ବଡ଼ ପୁରସ୍କାର। ତାଙ୍କୁ ଆଇସିସି ପକ୍ଷରୁ ଜୁଲାଇ ମାସର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦମଦାର ପ୍ରଦର୍ଶନ ପାଇଁ ଗିଲ ଏପରି ପୁରସ୍କାରର ଅଧିକାରୀ ହୋଇଛନ୍ତି।

ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦୌଡ଼ରେ ଗିଲଙ୍କ ବ୍ୟତୀତ ଇଂଲଣ୍ଡର ଅଧିନାୟକ ବେନ ଷ୍ଟୋକ୍ସ ଓ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ୱିଆନ ମୁଲଡର ରହିଥିଲେ। କିନ୍ତୁ ଉଭୟଙ୍କୁ ପଛରେ ପକାଇ ଗିଲ ଜୁଲାଇ ମାସର ଶ୍ରେଷ୍ଠ ପୁରସ୍କାର ଜିତିଛନ୍ତି। ୪ର୍ଥ ଥର ପାଇଁ ଗିଲ ଆଇସିସିର ମାସିକିଆ ପୁରସ୍କାର ଜିତିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ବ୍ୟତୀତ ବିଶ୍ୱର ଆଉ କୌଣସି ପୁରୁଷ କ୍ରିକେଟର ଏପରି ଗୌରବ ହାସଲ କରିନାହାନ୍ତି। ଏହାପୂର୍ବରୁ ୨୦୨୩ ଜାନୁଆରୀ, ୨୦୨୩ ସେପ୍ଟେମ୍ବର ଓ ୨୦୨୫ ଫେବୃଆରୀରେ ଗିଲଙ୍କୁ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା। ଗିଲ ଇଂଲଣ୍ଡ ବିପକ୍ଷ ସିରିଜରେ ୭୫୪ ରନ କରିଥିଲେ। ତାଙ୍କ ବ୍ୟାଟିଂ ଆଭରେଜ ୭୫.୪ ରହିଥିଲା ସେ ୪ଟି ଶତକ ମଧ୍ୟ ମାରିଥିଲେ ଏଥିପାଇଁ ତାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ମିଳିଥିଲା। ମହିଳା ବର୍ଗରେ ଆଇସିସି ଜୁଲାଇ ମାସର ଶ୍ରେଷ୍ଠ ପୁରସ୍କାର ଇଂଲଣ୍ଡ ବ୍ୟାଟର ସୋଫିଆ। ଡଙ୍କଲୀଙ୍କୁ ଦେଇଛି। ଏହି ରେସରେ ଇଂଲଣ୍ଡର ସୋଫି ଏସେଲଷ୍ଟୋନ ଓ ଆୟର୍ଲ୍ୟାଣ୍ଡର ଗାବୀ ଲୁଇସ ରହିଥିଲେ ଉଭୟଙ୍କୁ ପଛରେ ପକାଇ ଡଙ୍କଲୀ ବାଜି ମାରି ନେଇଛନ୍ତି। ଭାରତ ବିପକ୍ଷ ୫ ଟି-୨୦ ଓ ୩ ଦିନିକିଆ ମ୍ୟାଚରେ ସେ ଦମଦାର ପ୍ରଦର୍ଶନ କରିଥିଲେ। ଏଥିପାଇଁ ତାଙ୍କୁ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# ବିବାହ ପ୍ରସ୍ତାବ ଦେଇ ପ୍ରେମିକାଙ୍କୁ ହୀରା ମୁଦି ଦେଲେ ରୋନାଲ୍ଡୋ





ନୂଆଦିଲ୍ଲୀ, ୧୨।୮: ପର୍ତ୍ତୁଗୀଜ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ ଦୀର୍ଘଦିନର ଗାର୍ଲଫ୍ରେଣ୍ଡ ଜର୍ଜିନା ରଡ୍ରିଗେଜଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି। ଜର୍ଜିନା ସୋସିଆଲ ମିଡିଆରେ ଏକ ବିଶାଳ ହୀରା ମୁଦି ପ୍ରଦର୍ଶନ କରି ଏହି ଖବର ନିଶ୍ଚିତ କରିଛନ୍ତି, ଯାହା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛି। ମୁଦିଟି ପ୍ରାୟ ୫ ସେଣ୍ଟିମିଟର ଲମ୍ବା, ଯେଉଁଥିରେ ଏକ ବଡ଼ ଓଭାଲ ଆକୃତିର ହୀରା ସହ ଦୁଇଟି ଛୋଟ ହୀରା ରହିଛି।

ଜୁଏଲାରୀ ବିଶେଷଜ୍ଞ କହିଛନ୍ତି ଯେ ମୁଖ୍ୟ ହୀରାଟି ୨୫-୩୦ କ୍ୟାରେଟ ମଧ୍ୟରେ ହୋଇପାରେ, ଅନ୍ୟ ବିଶେଷଜ୍ଞମାନେ ଏହାକୁ ଅତି କମରେ ୧୫ କ୍ୟାରେଟ ବୋଲି କହିଛନ୍ତି। ଫ୍ରାଙ୍କ ଡାର୍ଲିଂର ପ୍ରତିଷ୍ଠାତା କେଗାନ ଫିଶରଙ୍କ ମତେ, ପାର୍ଶ୍ୱରେ ଥିବା ଦୁଇଟି ହୀରା ପ୍ରାୟ ୧ କ୍ୟାରେଟ ପ୍ରତ୍ୟେକ ଏହି ହୀରାର ଗୁଣବତ୍ତା ଓ ଆକାର ଏହାକୁ ଅତ୍ୟନ୍ତ ପ୍ରିମିୟମ ବୋଲି ସୂଚାଏ। ବିଶେଷଜ୍ଞମାନେ ମୁଦିର ମୂଲ୍ୟ ୨-୫ ମିଲିୟନ ଡଲାର (ପ୍ରାୟ ୧୬.୮ କୋଟିରୁ ୪୨ କୋଟି ଟଙ୍କା) ମଧ୍ୟରେ ବୋଲି ଆକଳନ କରିଛନ୍ତି। ଲୋରେଲ ଡାଏମଣ୍ଡସର ଲରା ଟେଲର ଏହାର ନ୍ୟୁନତମ ମୂଲ୍ୟ ୨ ମିଲିୟନ ଡଲାର ବୋଲି କହିଛନ୍ତି, ଆଉ ରେୟାର କାରାଟର ସିଇଓ ଅଜୟ ଆନନ୍ଦ ଏହାକୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଆକଳନ କରିଛନ୍ତି। ରୋନାଲ୍ଡୋ ଓ ଜର୍ଜିନା ୨୦୧୬ ମସିହାରୁ ଡେଟିଂ କରୁଛନ୍ତି, ଯେତେବେଳେ ଜର୍ଜିନା ମାଡ୍ରିଡର ଏକ ଗୁଚି ଷ୍ଟୋରରେ କାମ କରୁଥିଲେ ୨୦୧୭ରେ ଜୁରିଖରେ ବେଷ୍ଟ ଫିଫା ଫୁଟବଲ ଆୱାର୍ଡସରେ ସେମାନେ ଏକାଠି ଆସି ସମ୍ପର୍କକୁ ସାର୍ବଜନୀନ କରିଥିଲେ। ଏହି ଦମ୍ପତିଙ୍କର ତିନି ସନ୍ତାନ ଅଛନ୍ତି। ଆଲାନା ମାର୍ଟିନା (ଜନ୍ମ: ୧୨ ନଭେମ୍ବର ୨୦୧୭), ବେଲା ଏସମେରାଲଡା (ଜନ୍ମ: ୧୮ ଏପ୍ରିଲ ୨୦୨୨), ଓ ଏଞ୍ଜେଲ (ଜନ୍ମ: ୧୮ ଏପ୍ରିଲ ୨୦୨୨), କିନ୍ତୁ ଦୁର୍ଭାଗ୍ୟବଶତଃ ଏଞ୍ଜେଲ ଜନ୍ମ ପରେ ଶୀଘ୍ର ମୃତ୍ୟୁବରଣ କରିଥିଲେ। ରୋନାଲ୍ଡୋଙ୍କର ପୂର୍ବ ସମ୍ପର୍କ ଓ ସରୋଗେସି ମାଧ୍ୟମରେ ଆହୁରି ତିନି ସନ୍ତାନ ଅଛନ୍ତି।

# ଖୋର୍ଦ୍ଧା ଜିଲ୍ଲା ଓପନ୍ ଚେସ୍ : ସମ୍ବିତ ବିଜେତା



ଭୁବନେଶ୍ୱର, ୧୨।୮: ଘାଟିକିଆସ୍ଥିତ ଏପିଜେ ସ୍କୁଲ୍‌ଠାରେ ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଓପନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଇଏମ୍ ସମ୍ବିତ ପଣ୍ଡା ୭ରୁ ପୂରା ୭ ପଏଣ୍ଟ ପାଇ ବିଜେତା ହୋଇଥିଲା ବେଳେ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (୬), ମନୀଷ କୁମାର (୬) ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା (୬) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନଙ୍କୁ ଯଥାକ୍ରମେ ୮,୦୦୦, ୫,୦୦୦, ୩୫୦୦ ଓ ୨୫୦୦ ଟଙ୍କାର ଆର୍ଥିକ ପୁରସ୍କାର ମିଳିଛି ସମସ୍ତେ ମଧ୍ୟ ରାଜ୍ୟ ଓପନ୍ ବରିଷ୍ଠ ଚେସ୍ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ୫ବର୍ଷରୁ କମ୍‌ରେ ପ୍ରତ୍ୟୁଷ କୁମାର, ୬ବର୍ଷରୁ କମ୍‌ରେ ଆଦିତ୍ୟ ଯୁବନ ସାହୁ, ୭ବର୍ଷରୁ କମ୍‌ରେ କୀର୍ତ୍ତିସ୍ କୁମାର ସାହୁ, ୮ବର୍ଷରୁ କମ୍‌ରେ ରୁଦ୍ରପ୍ରତାପ ସାହୁ, ୯ବର୍ଷରୁ କମ୍‌ରେ ବୈଭବ ସନାଲ, ୧୦ବର୍ଷରୁ କମ୍‌ରେ ସଚେତନ ପରିଡ଼ା, ୧୧ବର୍ଷରୁ କମ୍‌ରେ ଶ୍ରୀହାନ ପଣ୍ଡା, ୧୩ବର୍ଷରୁ କମ୍‌ରେ ସାଇଶ୍ରୀତି ମହାପାତ୍ର ବିଜେତା ହୋଇଥିଲେ। ବାଳିକାରେ ଏଲିନା ମିଶ୍ର, ଆଦିଶ୍ରୀ ବଡ଼େଇ, ଆଦ୍ୟା ପଟ୍ଟନାୟକ, ସମୃଦ୍ଧି ମହାନ୍ତି, ଆପ୍ୟା ମହାନ୍ତି, ଶ୍ରେୟାନ୍‌ଭୀ ପାଢ଼ୀ, ଶ୍ରୀୟାଦିତା ପଟ୍ଟନାୟକ ପ୍ରମୁଖ ବିଭିନ୍ନ ବୟସ ବର୍ଗରେ ବଚ୍ଛିତା ହେବାର ଗୌରବ ଅର୍ଜନ କରିଥିଲେ ସାଧ୍ୱୀପ୍ରତିଭା ମିଶ୍ର ମୁଖ୍ୟଅତିଥି, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି, ଓଡ଼ିଶା ଗେଟ୍‌ବଲ୍ ସଂଘ ସଂପାଦକ ମହମ୍ମଦ ଆଜମ ମୁଖ୍ୟବକ୍ତା, ଓଡ଼ିଶା ମଡର୍ଣ୍ଣ ପେଣ୍ଟାଥଲନ୍ ସଂପାଦକ ଶକ୍ତିରଂଜନ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଭାପତି ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟାଂଶୁ ସ୍ୱୟକାମ, ସୁଶାନ୍ତ ଷଡ଼ଙ୍ଗୀ ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ ଚେସ

ଚେନ୍ନାଇ, ୧୨।୦୮: ଚଳିତ ଚେନ୍ନାଇ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟରେ ପଞ୍ଚମ ରାଉଣ୍ଡ୍ ଖେଳ ଶେଷ ହୋଇଛି। ଜର୍ମାନୀର ଭିନସେଣ୍ଟ କିମର ସର୍ବାଧିକ ୪ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ଟପ୍ ସିଡ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ୩ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପଞ୍ଚମ ରାଉଣ୍ଡରେ ନେଦରଲାଣ୍ଡ୍‌ସର ଜୋର୍ଡାନ ଭାନ୍ ଫରେଷ୍ଟ ବିଜୟ ହାସଲ କରିଥିବାବେଳେ ଅନ୍ୟ ସବୁ ମ୍ୟାଚ୍ ଡ୍ର ହୋଇଥିଲା। ସେ ଆମେରିକାରରେ ରବସନ୍‌ଙ୍କୁ ହରାଇଥିଲେ। ଅନ୍ୟପଟେ ଏରିଗାଇସି ଓ ଭି ପ୍ରଣବ, କିମର ଓ ଭାରତର ବିଦିତ ଗୁଜରାଠୀ, ଭାରତର ନିହାଲ ସାରିନ ଓ ଆମେରିକାର ଆୱର ଲିୟାଙ୍ଗ ଏବଂ ଭାରତର କାର୍ତ୍ତିକେୟନ ମୁରଲୀ ଓ ନେଦରଲାଣ୍ଡ୍‌ସର ଅନିଶ ଗିରି ପଏଣ୍ଟ ଭାଗ କରିଥିଲେ। ଗିରି, ଗୁଜରାଠୀ, ମୁରଲୀ ଓ ଲିୟାଙ୍ଗ୍ ପ୍ରତ୍ୟେକ ୨.୫ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଚ୍ୟାଲେଞ୍ଜର୍ସରେ ଭାରତର ଅଭିମନ୍ୟୁ ପୌରାଣିକ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏମ୍ ପ୍ରଣେଶ, ଦୀପ୍ତାୟନ ଘୋଷ, ଲିୟୋନ ମେଡୋଙ୍କା ୩.୫ପଏଣ୍ଟ ସହ ମିଳିତ ଦ୍ୱିତୀୟରେ ରହିଛନ୍ତି।

# ୩ ବର୍ଷ ପାଇଁ ବ୍ୟାନ ହେଲେ ଆଥଲେଟ୍ ଗଗନଦୀପ ସିଂହ



ନୂଆଦିଲ୍ଲୀ, ୧୨।୮: ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ଗଗନଦୀପ ସିଂହଙ୍କ ସମେତ ଅନେକ ଖେଳାଳିଙ୍କ ଉପରେ ଝୁଲିଛି ଖଣ୍ଡା। ଖେଳାଳିମାନେ ଡୋପିଂ ଅଭିଯୋଗ ଆସିବାର ୨୦ ଦିନ ମଧ୍ୟରେ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ। ଯାହା ଫଳରେ ସେମାନଙ୍କ ଦଣ୍ଡ ଚାରି ବର୍ଷ ପରିବର୍ତ୍ତେ ତିନି ବର୍ଷକୁ ହ୍ରାସ କରାଯାଇଥିଲା।

ସେନାର ପ୍ରତିନିଧି କରୁଥିବା ଗଗନଦୀପ ଫେବୃଆରୀ ୧୨ ତାରିଖରେ ଉତ୍ତରାଖଣ୍ଡ ଜାତୀୟ କ୍ରୀଡାରେ ପୁରୁଷ ଡିସ୍‌କସ୍ ଥ୍ରୋରେ ୫୫.୦୧ ମିଟରର ସର୍ବୋତ୍ତମ ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ପରେ, ଡୋପିଂ ପରୀକ୍ଷାରେ ତାଙ୍କର ପଜିଟିଭ୍ ଜଣାପଡ଼ିଥିଲା। ତାଙ୍କ ନମୁନାରେ 'ଟେଷ୍ଟୋରେଷ୍ଟୋରନ୍ ମେଟାବୋଲାଇଟ୍ସ' ନିଶ୍ଚିତ ହେବା ପରେ ତାଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଥିଲା।

ଖେଳାଳିଙ୍କ ପ୍ରଥମ ଅପରାଧ ପାଇଁ ସର୍ବାଧିକ ନିଷେଧ ଅବଧି ଚାରି ବର୍ଷ, କିନ୍ତୁ ନାଡା ନିୟମର ଧାରା ୧୦.୮ (ଫଳାଫଳ ପରିଚାଳନା ଚୁକ୍ତିନାମା) ଅନୁଯାୟୀ, ଯଦି ଖେଳାଳି ତାଙ୍କର ଅପରାଧ ଶୀଘ୍ର ସ୍ୱୀକାର କରନ୍ତି, ତେବେ ତାଙ୍କର ଦଣ୍ଡ ହ୍ରାସ କରାଯାଇପାରିବ।

ଗଗନଦୀପଙ୍କ ଜାତୀୟ କ୍ରୀଡା ପଦକ ଫେରାଇ ନିଆଯିବ। ଏହା ସମ୍ଭବ ଯେ ହରିୟାଣା ଖେଳାଳି ନିର୍ଭୟ ସିଂହଙ୍କ ରୌପ୍ୟ ପଦକ ଏବେ ସ୍ୱର୍ଣ୍ଣରେ ପରିଣତ ହେବ ଏହି ବ୍ୟବସ୍ଥାରୁ ଅନ୍ୟ ଦୁଇ ଟ୍ରାକ୍ ଏବଂ ଫିଲ୍ଡ ଆଥଲେଟ୍ ସଚିନ କୁମାର ଓ ଜୈନୁ କୁମାର ମଧ୍ୟ ଉପକୃତ ହୋଇଛନ୍ତି। ଏହା ଅଧୀନରେ, ସେମାନଙ୍କର ବାସନ୍ଦ ଅବଧି ଗୋଟିଏ ବର୍ଷ ହ୍ରାସ ପାଇଛି। ସଚିନଙ୍କ ତିନି ବର୍ଷର ବାସନ୍ଦ ଫେବୃଆରୀ ୧୦ରୁ ଆରମ୍ଭ ହୋଇଛି, ଯେତେବେଳେ ଜୈନୁଙ୍କ ପାଇଁ ଏହି ତାରିଖ ଫେବୃଆରୀ ୨୦।

ଏହି ବ୍ୟବସ୍ଥା ଜୁଡୋ ଖେଳାଳି ମୋନିକା ଚୌଧୁରୀ ଏବଂ ନନ୍ଦିନୀ ଭାଟ୍ସ, ପାରା ପାୱାରଲିଫ୍ଟର ଉମେଶପାଲ ସିଂହ ଏବଂ ସାମୁଏଲ୍ ଭାନଲାଲଟାନପୁଇଆ, ଭାରୋତ୍ତୋଳକ କବିନ୍ଦର, କବାଡି ଖେଳାଳି ଶୁଭମ କୁମାର, ମଲ୍ଲଯୋଦ୍ଧା ମୁଗାଲି ଶର୍ମା, ଉଶୁ ଖେଳାଳି ଅମନ ଏବଂ ରାହୁଲ ତୋମର, ଜଣେ ନାବାଳକ ମଲ୍ଲଯୋଦ୍ଧାଙ୍କୁ ଲାଭ ଦେଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଏହି ବର୍ଷ ଆରମ୍ଭରେ ଦ୍ୱାରା ଅସ୍ଥାୟୀ ଭାବରେ ନିଲମ୍ବିତ କରାଯାଇଥିଲା।

# କରେନ୍ସି ନୋଟ୍‌ରେ କ୍ରିକେଟରଙ୍କ ଫଟୋ



ନୂଆଦିଲ୍ଲୀ ୧୨।୦୮: ଡିସେଣ୍ଟ ଗେମ୍ କ୍ରିକେଟ ବିଶ୍ୱରେ ଏହି ଖେଳର ରହିଛି ଡିମାଣ୍ଡ ଫ୍ୟାନ୍ସ ସଂଖ୍ୟା ବିଶ୍ୱବ୍ୟାପୀ ଅଧିକ ଅନେକ ଦେଶରେ ଖେଳାଳି ବି ରହିଛନ୍ତି କିନ୍ତୁ ଭାରତରେ ଖେଳର ଅଧିକ ପ୍ରଶଂସକ ଖେଳାଳି ବି ବେଶ୍ ଫେମସ ତାଙ୍କ ଖେଳକୁ ନେଇ ବିଶେଷ କରି ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଭଳି ଅନେକ ଦେଶ ସାମିଲ ରହିଛି ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କି, ଦୁନିଆରେ ଏମିତି ଦେଶ ଅଛି, ଯେଉଁଠି, ଜଣେ କ୍ରିକେଟରଙ୍କ ଫଟୋ ନୋଟ୍ ଉପରେ ହୋଇଛି ଛପା। ଆଉ ଏହି କ୍ରିକେଟର ଜଣକ ହେଉଛନ୍ତି ୱେଷ୍ଟଇଣ୍ଡିଜର ସାର୍ ଫ୍ରାଙ୍କ୍ ୱାରେଲ୍।

ୱେଷ୍ଟଇଣ୍ଡିଜର ମହାନ କ୍ରିକେଟର ସାର୍ ଫ୍ରାଙ୍କ୍ ୱାରେଲ୍, ଯାହାଙ୍କୁ ସମ୍ମାନ ଜଣାଇଛି ତାଙ୍କ ଦେଶ ଫଟୋକୁ ନିଜର କରେନ୍ସି ନୋଟରେ ଦେଇଛି ସ୍ଥାନ। ବିଶ୍ୱର ଏକମାତ୍ର କ୍ରିକେଟର ଯାହାଙ୍କ ଫଟୋ କୌଣସି ଦେଶର ନୋଟରେ ଛପା ଯାଇଛି। ତାଙ୍କ ଫଟୋ ବାରବାଡୋସର ୫ ଡଲାର ନୋଟରେ ଦେଖିବାକୁ ମିଳେ। କେବଳ ଜଣେ କ୍ରିକେଟର ଭାବରେ ନୁହେଁ, ବରଂ ଜଣେ ମହାନ ବ୍ୟକ୍ତି ଭାବରେ ମଧ୍ୟ ସେ ସର୍ବଦା ଚିର ସ୍ମରଣୀୟ। ବିଶେଷ କରି ଭାରତ ସହିତ ତାଙ୍କର ଏକ ଅତୁଟ ସମ୍ପର୍କ ରହିଛି। ସାର୍ ଫ୍ରାଙ୍କ୍ ୱାରେଲଙ୍କର ଭାରତ ସହିତ ସମ୍ପର୍କ କେବଳ କ୍ରିକେଟ ମଧ୍ୟରେ ସୀମିତ ନଥିଲା। ୧୯୬୨ ମସିହା କଥା ଭାରତୀୟ କ୍ରିକେଟ୍ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯାଇଥିଲା ମ୍ୟାଚ୍ ବେଳେ ଭାରତୀୟ ଅଧିନାୟକ ନାରୀ କଣ୍ଟ୍ରାକ୍ଟରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଏତେ ଗୁରୁତର ଥିଲା ଯେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ରକ୍ତର ଆବଶ୍ୟକତା ପଡ଼ିଥିଲା।

ତେବେ ଏହି ସଙ୍କଟ ସମୟରେ ୱେଷ୍ଟଇଣ୍ଡିଜ୍ ଦଳର ଅଧିନାୟକ ଥିବା ସାର୍ ଫ୍ରାଙ୍କ୍ ୱାରେଲ୍ ଆସିଥିଲେ ଆଗେଇ। ନିଜେ ରକ୍ତଦାନ କରିବା ସହ ନିଜ ଦଳର ଅନ୍ୟ ଖେଳାଳିଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରିତ କରିଥିଲେ। ତାଙ୍କର ଏହି ମହାନତା ପାଇଁ ନାରୀ କଣ୍ଟ୍ରାକ୍ଟରଙ୍କ ଜୀବନ ବଞ୍ଚି ଯାଇଥିଲା। ଏହି ଘଟଣା ପରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ କ୍ରିକେଟ୍ ସମ୍ପର୍କ ଆହୁରି ମଜବୁତ ହୋଇଥିଲା। ଏହି ମହାନ କାର୍ଯ୍ୟକୁ ସମ୍ମାନ ଜଣାଇ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜକୁ 'ଫ୍ରାଙ୍କ୍ ୱାରେଲ୍ ଟ୍ରଫି' ଭାବରେ ନାମିତ କରାଯାଇଛି। ଏହା ବ୍ୟତୀତ, କୋଲକାତାରେ ପ୍ରତିବର୍ଷ ଫେବୃଆରୀ ୩ ତାରିଖକୁ 'ଫ୍ରାଙ୍କ୍ ୱାରେଲ୍ ଦିବସ' ଭାବେ ପାଳନ କରାଯାଏ। ସାର୍ ଫ୍ରାଙ୍କ୍ ୱାରେଲ୍ (୧୯୨୪-୧୯୬୭) ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ୍ ଏବଂ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଦଳର ପ୍ରଥମ ଅଶ୍ୱେତ ଅଧିନାୟକ ଭାବରେ ଜଣାଶୁଣା। କିନ୍ତୁ ଖେଳ ପଡ଼ିଆ ବାହାରେ ତାଙ୍କର ଏହି ମାନବୀୟ କାର୍ଯ୍ୟ ପାଇଁ ସେ ଆଜି ବି କ୍ରିକେଟ୍ ଇତିହାସରେ ଅମର ହୋଇ ରହିଛନ୍ତି।

# ରୋ-କୋ ଯୋଡ଼ିକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୧୨।୮: ହ୍ୱାଇଟ୍ ବଲ୍ କ୍ରିକେଟରେ ଆଉ ଦେଖିବାକୁ ମିଳିବନି ରୋ-କୋଙ୍କ ଯୋଡ଼ି। ଅଷ୍ଟ୍ରେଲିଆ ଟୁର୍ ହୋଇପାରେ ଶେଷ ଦିନିକିଆ। ବିରାଟ୍ କୋହଲି ଏବଂ ରୋହିତ ଶର୍ମା ପ୍ରଥମେ ଟି-ଟ୍ୱେଣ୍ଟିରୁ ଆଲବିଦା କହିବା ପରେ ଟେଷ୍ଟ୍ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଏକମାତ୍ର ଫର୍ମାଟ୍ ଭାବେ କେବଳ ୱାନଡେ ଇଣ୍ଟରନ୍ୟାସନାଲ ଖେଳୁଛନ୍ତି ଉଭୟେ। ମାତ୍ର ବୟସାଧିକ କାରଣରୁ ଦିନିକିଆ। କ୍ରିକେଟ୍ ଖେଳିବା ତାଙ୍କ ପାଇଁ ଧୀରେ ଧୀରେ କ୍ଷୀଣ ହେବାରେ ଲାଗିଛି। ତେବେ ଏହି ଦୁଇ ବରିଷ୍ଠ ଖେଳାଳିଙ୍କୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ତଥା ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ଭାରତର ଦୁଇ ଷ୍ଟାର୍ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ୨୦୨୭ରେ ହେବାକୁ ଥିବା ଦିନିକିଆ। ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା ଦେଖା ଦେଇଛି। ଉଭୟ ଟେଷ୍ଟ ଓ ଟି-ଟ୍ୱେଣ୍ଟିରୁ ଅବସର ନେଇ ସାରିଛନ୍ତି।

୨୦୨୭ ଦିନିକିଆ ବିଶ୍ୱକପ୍ ଜିତିବାର ସ୍ୱପ୍ନ ନେଇ ଉଭୟ ଗୋଟିଏ ଫର୍ମାଟରେ ସକ୍ରିୟ ରହିଛନ୍ତି। ମାତ୍ର ବିସିସିଆଇ ଉଭୟଙ୍କୁ ନେଇ ବେଶୀ ଆଗକୁ ଚିନ୍ତା କରୁନାହିଁ। ଇଂଲଣ୍ଡ ଗସ୍ତର ସଫଳତାକୁ ଆଧାର କରି ବିସିସିଆଇ ଖୁବ୍ ଶୀଘ୍ର ଶୁଭମନ ଗିଲ୍‌ଙ୍କୁ ସମସ୍ତ ଫର୍ମାଟ୍‌ର ନେତୃତ୍ୱ ପ୍ରଦାନ କରିବାକୁ ଚିନ୍ତା କରୁଛି। ଦିନିକିଆ। ବିଶ୍ୱକପ୍‌କୁ ଆଉ ୨ବର୍ଷ ରହିଛି। ଆସନ୍ତାବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ରହିଥିବାରୁ ସେ ପର୍ଯ୍ୟନ୍ତ ଭାରତୀୟ ଦଳ ସୀମିତ ପରିମାଣର ଦିନିକିଆ ସିରିଜ ଖେଳିବ। ତେଣୁ ରୋହିତ ଓ କୋହଲିଙ୍କୁ ଉପଯୁକ୍ତ ମ୍ୟାଚ୍ ଅଭ୍ୟାସ ସୁଯୋଗ ମିଳିବ ନାହିଁ। ଏଭଳି ସ୍ଥଳେ ଫିଟ୍‌ନେସ୍ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ବଜାୟ ରହିପାରିବ ନାହିଁ। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ରୋହିତ ଓ କୋହଲିଙ୍କୁ ଖୁବ୍ ଶୀଘ୍ର ବିଦାୟ ଦେବାକୁ ବିସିସିଆଇ ଚିନ୍ତା କରୁଛି। ହୁଏତ ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଅଷ୍ଟ୍ରେଲିଆ। ଗସ୍ତ ଉଭୟଙ୍କ ପାଇଁ ଶେଷ ସିରିଜ ହୋଇପାରେ ଅଷ୍ଟ୍ରେଲିଆରେ ଭାରତ ୩ଟି ଦିନିକିଆ। ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜର ପ୍ରଦର୍ଶନ ଉଭୟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଅନୁମାନ କରାଯାଉଛି। ଏହି ସିରିଜ ପରେ ଉଭୟ ଡିସେମ୍ବର/ଜାନୁଆରୀରେ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ଖେଳି ଆଗାମୀ ଦିନ ପାଇଁ ପ୍ରସ୍ତୁତ ହେବେ ନଚେତ ଦିନିକିଆ। ଦଳରୁ ବାଦ ପଡ଼ିଯିବେ। ବିସିସିଆଇ ମଧ୍ୟ ଉଭୟଙ୍କ ଭବିଷ୍ୟତକୁ ନେଇ ବେଶ୍ ସତର୍କ ରହିଛି। ରୋହିତ ଓ କୋହଲିଙ୍କର ଅଗଣିତ ପ୍ରଶଂସକ ରହିଥିବାରୁ ବିସିସିଆଇ ଭାବି ଚିନ୍ତି ଉଭୟଙ୍କ ବିଦାୟ ଉପରେ ନିଷ୍ପତ୍ତି ନେବ ବିସିସିଆଇ ତରବରିଆ। ଭାବେ ଉଭୟଙ୍କୁ ବିଦାୟ ଦେବାକୁ ଚାହୁଁନାହିଁ। ଆସନ୍ତା ଫେବ୍ରୁଆରୀରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌କୁ ବିସିସିଆଇ ଅଧିକ ଗୁରୁତ୍ୱ ଦେଉଛି। ସେପର୍ଯ୍ୟନ୍ତ ରୋହିତ ଓ କୋହଲିଙ୍କ କ୍ୟାରିୟର ଉପରେ ବିପଦ ନାହିଁ କହିଲେ ଚଳେ।



ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚରେ ମାତ୍ର ୪୧ ବଲରୁ ଶତକ ହାସଲ କରି ରେକର୍ଡ କରିଛନ୍ତି ଦ. ଆଫ୍ରିକାର ଯୁବ ବ୍ୟାଟ୍ସମ୍ୟାନ୍ ବ୍ରେଭିସ।

# ସିଏସକେଠାରୁ ମାଗିଲେ ସ୍ପଷ୍ଟୀକରଣ ଅଶ୍ୱିନ

ନୂଆଦିଲ୍ଲୀ, ୧୨।୦୮: ଆରମ୍ଭ ହୋଇନି ୨୦୨୬ ସିଜିନ୍। ପୂର୍ବରୁ ତେଜିଲାଣି ବିବାଦ। ଖାସ୍ କରି ରବିଚନ୍ଦ୍ରନ୍ ଅଶ୍ୱିନ ପ୍ରଥମ ଥର ପାଇଁ ତାଙ୍କ ଟ୍ରେଡ୍‌କୁ ନେଇ ମୁହଁ ଖୋଲିଛନ୍ତି। ଏ ବିଷୟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) କୁ ସ୍ପଷ୍ଟ ଉତ୍ତର ମାଗିଛନ୍ତି। ୨୦୨୫ ମେଗା ନିଲାମରେ, ଅଶ୍ୱିନଙ୍କୁ ୯.୭୫ କୋଟି ଟଙ୍କାରେ କିଣିଥିଲା ଯାହା ତାଙ୍କ ପାଇଁ ଏକ ଭାବପ୍ରବଣ 'ହୋମ୍ କମ୍‌ବ୍ୟାକ୍' ମୁହୂର୍ତ୍ତ ଥିଲା। କିନ୍ତୁ ଏହି ସିଜିନ୍ ତାଙ୍କ ପାଇଁ ନିରାଶାଜନକ ଥିଲା। ଅଶ୍ୱିନ ୯ଟି ମ୍ୟାଚ୍‌ରେ ମାତ୍ର ୭ଟି ୱିକେଟ୍ ନେଇଥିଲେ। ହାରାହାରି ୪୦.୪୩ ଓ ଇକୋନୋମି ଥିଲା ୯.୧୩ ବ୍ୟାଟ୍ ସହିତ ତାଙ୍କର ଅବଦାନ ମଧ୍ୟ ମାତ୍ର ଥିଲା ୩୩ ରନ୍। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରରେ ପ୍ରଥମ ଥର ଥିଲା ଯେତେବେଳେ ସେ ଗୋଟିଏ ସିଜିନରେ ୧୨ରୁ କମ୍ ମ୍ୟାଚ୍ ଖେଳିଥିଲେ। ସମ୍ପ୍ରତି ରିପୋର୍ଟରେ ଦାବି କରାଯାଇଛି ଯେ ସେ ତାଙ୍କ ଭବିଷ୍ୟତ ବିଷୟରେ ସିଏସକେ ସହିତ କଥା ହୋଇଛନ୍ତି। ସେ ଦଳ ଛାଡିବାକୁ ବିଚାର କରିପାରନ୍ତି। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଅଶ୍ୱିନ କହିଛନ୍ତି, 'ଆରଆରରେ ଖେଳୁଥିବା ସମୟରେ, ପ୍ରଥମ ବର୍ଷ ପରେ, ମୁଁ ସିଇଓଙ୍କଠାରୁ ଏକ ଇମେଲ୍ ପାଉଥିଲି। ଯେଉଁଥିରେ ପ୍ରଦର୍ଶନ, ଆଶା ଏବଂ ଚୁକ୍ତି ନବୀକରଣ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ସିଜିନ୍ ପରେ, ଖେଳାଳିଙ୍କୁ ଜଣାଇବା ଫ୍ରାଞ୍ଚାଇଜ୍‌ର ଦାୟିତ୍ୱ ଯେ ତାଙ୍କୁ ବଜାୟ ରଖାଯିବ କିମ୍ବା ମୁକ୍ତ କରାଯିବ। ଅଶ୍ୱିନ କହିଛନ୍ତି ଯେ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍ ସହିତ କଥା ହେବାର ଅଧିକାର ଅଛି ଯେ ତାଙ୍କୁ ବଜାୟ ରଖାଯିବ କି ନାହିଁ ବର୍ତ୍ତମାନ, ତାଙ୍କ ଭବିଷ୍ୟତ ତାଙ୍କ ହାତରେ ନାହିଁ ଏବଂ ଯାହା ଖବର ଚାଲିଛି, ତାହା ଖେଳାଳିମାନଙ୍କଠାରୁ ଆସୁନାହିଁ। ଅଶ୍ୱିନ କହିଛନ୍ତି, 'ମୋ ବିଷୟରେ କିମ୍ବା ସଞ୍ଜୁଙ୍କ ବିଷୟରେ ଯେଉଁ ଖବର ଆସୁଛି ତାହା ଖେଳାଳିମାନଙ୍କଠାରୁ ନୁହେଁ ହୁଏତ ଏହି ଗୁଜବ ଫ୍ରାଞ୍ଚାଇଜ୍ ପକ୍ଷରୁ ଆସୁଛି, କିନ୍ତୁ ମୁଁ ଜାଣିନାହିଁ ଯେ କିଏ ସେଗୁଡ଼ିକୁ ପ୍ରସାର କରୁଛି ଆଇପିଏଲ ଟ୍ରେଡ୍ ୱିଣ୍ଡୋ ସାଧାରଣତଃ ସିଜିନ୍ ଶେଷ ହେବାର ଗୋଟିଏ ମାସ ପରେ ଖୋଲିଥାଏ ପରବର୍ତ୍ତୀ ନିଲାମ ପୂର୍ବରୁ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଚାଲିଥାଏ।

# ସଂସଦରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନ

ନୂଆଦିଲ୍ଲୀ, ୧୨।୮: ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)କୁ ଆଗ୍ରହ ପତ୍ର ପଠାଯାଇସାରିଛି। ଏହି ବିଷୟରେ ଆଇଓସି ସହ ଆମର ନିରନ୍ତର ବାର୍ତ୍ତା ବି ଚାଲିଛି। ଆମ ସହ ଅନ୍ୟ ଦେଶଗୁଡ଼ିକ ଦେଉଥିବା ପ୍ରସ୍ତାବର ଉପଯୋଗିତା ମୂଲ୍ୟାଙ୍କନ ପରେ ଯାଇ ଆଇଓସି ଏହି ଦିଗରେ ଯାହା କିଛି ନିଷ୍ପତ୍ତି ନେଇପାରିବ। ହେଲେ ଆୟୋଜକ ଚୟନ ପ୍ରକ୍ରିୟାକୁ ଆଇଓସିର ନୂଆ ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଅଟକାଇ ସ୍ଥଗିତ କରି ଦେଇଛନ୍ତି। ସେଥିପାଇଁ ଆମ ବିଡ୍ ଦାଖଲ ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ଓ ଭଲଭାବରେ ସମୀକ୍ଷା କରାଯାଉଛି। ଏହି ପ୍ରକ୍ରିୟାର ସଂପୂର୍ଣ୍ଣ ପରିଚାଳନା ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ) କରୁଛି।

ଲୋକସଭାରେ ଆମ୍ ଆଦମି ପାର୍ଟି ସାଂସଦ ଗୁରମିତ ସିଂହ, ଭାରତର ଅଲିମ୍ପିକ୍ସ ଆୟୋଜନ ସମ୍ଭାବନା ଓ ଏହାର ସ୍ଥିତିକୁ ନେଇ ପଚାରିଥିବା ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏହା କହିଛନ୍ତି। ତେବେ ଗୋଟିଏ ସହର ପରିବର୍ତ୍ତେ ଭୁବନେଶ୍ୱରରେ ହକି, ଭୋପାଳରେ ନୌଚାଳନା, ପୁଣେରେ କାୟାକିଂ ଓ କାନୋଇଂ ଏବଂ ମୁମ୍ବାଇରେ କ୍ରିକେଟ୍ ଆୟୋଜନ ଭଳି ଏକାଧିକ ଭେନ୍ୟୁରେ ଅଲିମ୍ପିକ୍ସ କରିବାକୁ ଯୋଜନା କରାଯାଉଛି କି ? ବୋଲି ଶ୍ରୀ ସିଂହ ପଚାରିଥିବା ନିର୍ଦ୍ଦିଷ୍ଟ ପ୍ରଶ୍ନର କେଣସି ସିଧାସଳଖ ଉତ୍ତର ଶ୍ରୀ ମାଣ୍ଡବ୍ୟ ଦେଇନାହାନ୍ତି ବରଂ କହିଛନ୍ତି ଯେ ଅଲିମ୍ପିକ୍ସ ଆୟୋଜନ କରିବା ଲାଗି ବିଡ୍ ଦାଖଲ କରିବାର ସଂପୂର୍ଣ୍ଣ ଦାୟିତ୍ୱ ହେଉଛି। ଭାରତୀୟ ଅଲିମ୍ପିକ୍ସ ସଂଘର ନିର୍ଦ୍ଧାରିତ ପ୍ରକ୍ରିୟାର ଅନୁସରଣ କରି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଆୟୋଜନ ଅଧିକାର ପ୍ରଦାନ କରିଥାଏ ଭାରତୀୟ ଅଲିମ୍ପିକ୍ସ ସଂଘ ଏହି ଦିଗରେ କାର୍ଯ୍ୟକରୁଛି। ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଆନୁଷ୍ଠାନିକ ଭାବେ ଭାରତ କେଣସି ସହରର ନାଁ ଘୋଷଣା କରି ନଥିଲେ ମଧ୍ୟ ଗୁଜରାଟର ଅହମଦାବାଦ ଏହି କ୍ଷେତ୍ରରେ ସର୍ବାଗ୍ରେ ରହିଛି। ଗୁଜରାଟ ସରକାର ମଧ୍ୟ ଏଥିଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ସେଥିଲାଗି ଗତମାସରେ ବିଡ୍ ଦାଖଲ କରିବା ଲାଗି ସ୍ୱିଜରଲାଣ୍ଡର ଲୁସାନେଠାରେ ଥିବା ଆଇଓସିର ମୁଖ୍ୟାଳୟକୁ ଯାଇଥିବା ଭାରତୀୟ ପ୍ରତିନିଧି ମଣ୍ଡଳରେ ଗୁଜରାଟର କ୍ରୀଡ଼ାମନ୍ତ୍ରୀ ହର୍ଷ ସାଂଘଭୀ ସାମିଲ ଥିଲେ।

ସୂଚନା ଅନୁସାରେ ଭାରତ ୨୦୩୬ ଅଲିମ୍ପିକ୍ସ ଲାଗି ବିଡ୍ ଦାଖଲ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତାବର୍ଷ ନିଆଯିବ ବୋଲି ଜଣାପଡ଼ିଛି। କାତାର ଓ ତୁର୍କି ଭଳି ଦେଶ ମଧ୍ୟ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଇଚ୍ଛୁକ ଥିବାରୁ ଭାରତ ସେମାନଙ୍କଠାରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରେ। ସେହିଭଳି ଡୋପିଂ ନିୟନ୍ତ୍ରଣରେ ଭାରତର ଦୁର୍ବଳ ରେକର୍ଡ। ଏହି କ୍ଷେତ୍ରରେ ଆଉ ଏକ ସମସ୍ୟା ଭାବେ ଉଭାହୋଇପାରେ। ଅବଶ୍ୟ ଆଇଓସିର ଭର୍ତ୍ସନା ପରେ ଡୋପିଂ ନିୟନ୍ତ୍ରଣ ଲାଗି ଆଇଓଏ ଏକ କମିଟି ଗଠନ କରିସାରିଛି। କ୍ରୀଡ଼ାମନ୍ତ୍ରୀଙ୍କ ଉତ୍ତର ପରେ ବିଡ୍ ଦାଖଲ ପ୍ରକ୍ରିୟାକୁ ମଧ୍ୟ ବଳ ମିଳିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ